୨୬ ଜୁଲାଇ ୨୦୨୬ ରବିବାର



# ଆର୍ଜେଣ୍ଟିନାକୁ ଅନୁକମ୍ପା




**ଶେଷ ହୋଇସାରିଛି ଫିଫା ବିଶ୍ୱକପ୍, କିନ୍ତୁ ବିଶ୍ୱକପର ପଦଚିହ୍ନ ଚିର ସ୍ମରଣୀୟ ହୋଇ ରହିବ। ସୁଖଦ ଅନୁଭୂତି ସହ ବିବାଦୀୟ ସ୍ଥିତି ଏଥର ବିଶ୍ୱକପକୁ ଚର୍ଚ୍ଚାରେ ରଖିଥିଲା। ୨୦୨୨ ସଂସ୍କରଣର ବିଜେତା ଆର୍ଜେଣ୍ଟିନା ପାଇଁ ସତେ ଯେମିତି ଫିଫା ଅଜାଡ଼ି ଦେଇଥିଲା ଅନୁକମ୍ପା। ବିଶୃଙ୍ଖଳିତ ଆଚରଣ ସତ୍ତ୍ୱେ ଆର୍ଜେଣ୍ଟିନାକୁ ଦଣ୍ଡିତ କରିନି ଫିଫା। ରେଫରୀଙ୍କଠୁ ଆରମ୍ଭ କରି ଫିଫା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆର୍ଜେଣ୍ଟିନାକୁ ବିଶ୍ୱବିଜେତା ମୁକୁଟ ପିନ୍ଧାଇବା ଲାଗି ଶତ ପ୍ରତିଶତ ଚେଷ୍ଟା କରିଥିଲେ। କିନ୍ତୁ ଭାଗ୍ୟଦେବୀ ପ୍ରସନ୍ନ ହୋଇ ନ ଥିଲେ ଆର୍ଜେଣ୍ଟିନା ଉପରେ। ଟ୍ରଫି ତୋଳିଧରିବାରେ ସଫଳ ହୋଇଥିଲା ସ୍ପେନ। ବାଦବିବାଦ ସହ ଫିଫା ବିଶ୍ୱକପ୍ ସମାପନ ହୋଇଥିଲା। ଯଦି ଚଳିତ ସଂସ୍କରଣକୁ ଅନୁଶୀଳନ କରାଯାଏ ତେବେ ଗ୍ରୁପରୁ ଫାଇନାଲ ପର୍ଯ୍ୟନ୍ତ ଚର୍ଚ୍ଚାରେ ଥିବା ଆର୍ଜେଣ୍ଟିନା ପଛରେ ଫିଫା ଢାଲ ଭଳି ଛିଡ଼ା ହୋଇଥିଲା।**

ଏଥର ଫିଫା ବିଶ୍ୱକପର ଗ୍ରୁପ-ଜେ ପର୍ଯ୍ୟାୟରେ ସ୍ଥାନ ପାଇଥିଲା ଆର୍ଜେଣ୍ଟିନା। ଯେମିତି ଗ୍ରୁପରୁ ନକ୍‌ଆଉଟ୍ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଆଗକୁ ବଢ଼ିବାରେ ଅସୁବିଧା ନ ହୁଏ ସେଥିପ୍ରତି ପିଫା ବେସ୍ ଯତ୍ନବାନ ଥିଲା। କନମେବୋନ୍ କନଫେଡେରେସନ ଅଧିନରେ ଥିବା ଆର୍ଜେଣ୍ଟିନା ସହ କାଫ୍ କନଫେଡେରେସନର ଆଲଜେରିଆ ୟୁଇଏଫଏ କନଫେଡେରେସନର ଅଷ୍ଟ୍ରିଆ ଏବଂ ଏଏଫସିର ଜୋର୍ଡାନ ଗୋଟିଏ ଗ୍ରୁପରେ ରହିଥିଲେ। ବିଶ୍ୱବିଜେତା ଆର୍ଜେଣ୍ଟିନା ଭଳି ସକ୍ତିଶାଳୀ ଦଳ ଆଗରେ ଆଲଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନର ତୁଳନା କରାଯିବା ଅନୁଚିତ। କେବଳ ଏକମାତ୍ର ଦଳ ଅଷ୍ଟ୍ରିଆ ଆର୍ଜେଣ୍ଟିନାକୁ କିଛିମାତ୍ରାରେ ପ୍ରତିହତ କରିଥିଲା। ଫିଫା ବିଶ୍ୱକପ ଇତିହାସ ଉପରେ ନଜର ପକାଇଲେ ଅଷ୍ଟ୍ରିଆ ୧୯୫୪ରେ ତୃତୀୟ ସ୍ଥାନ ଓ ୧୯୩୪ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏହା ପରଠୁ ଅଷ୍ଟ୍ରିଆ ପ୍ରଦର୍ଶନର ଆଉ ଚିହ୍ନବର୍ଣ୍ଣ ନାହିଁ। ସେହିଭଳି ଆଲଜେରିଆ ଓ ଜୋର୍ଡାନ ଭଳି ଦଳ ଯୋଗ୍ୟତା ପର୍ଯ୍ୟାୟରେ କଡ଼ା ସଘର୍ଷ କରି ବଡ଼ କଷ୍ଟରେ ଫିଫା ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଥିଲେ। ତେଣୁ ଆର୍ଜେଣ୍ଟିନା ଭଳି ଶକ୍ତିଶାଳୀ ଦଳ ଗ୍ରୁପରେ ଅତି ଦୁର୍ବଳ ଦଳଗୁଡ଼ିକୁ ସ୍ଥାନ ଦେବାର ଅର୍ଥ ଆର୍ଜେଣ୍ଟିନାକୁ ଅନୁକମ୍ପା ଦେଖାଇବା। ଫିଫା ଚାହୁଁଥିଲା ଯେ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ







ଆର୍ଜେଣ୍ଟିନା ପୁଣିଥରେ ବିଶ୍ୱ ଚାମ୍ପିୟନ ହେଉ। କାରଣ ଏହି ସଂସ୍କରଣ ଲିଓନେଲ ମେସିଙ୍କ ପାଇଁ ଶେଷ ବିଶ୍ୱକପ୍। ବୟସ ଚାପରେ ସେ ଆଉ ୪ ବର୍ଷ ପରେ ବିଶ୍ୱକପ୍ ମଇଦାନକୁ ଓହ୍ଲାଇ ପାରିବେ ନାହିଁ। ଏ ଦୃଷ୍ଟିରୁ ସୁଖଦ ଅନୁଭୂତି ସହ ମେସି ବିଶ୍ୱ ଫୁଟବଲରୁ ଅବସର ନିଅନ୍ତୁ ବୋଲି ଆର୍ଜେଣ୍ଟିନା ଫୁଟବଲ ସଂଘ ଏବଂ ଫିଫା ଚାହୁଁଥିଲେ। ଯାହାର ପ୍ରତିଫଳନ ପ୍ରତିଟି ମ୍ୟାଚରେ ଦେଖିବାକୁ ମିଳିଥିଲା। ଆର୍ଜେଣ୍ଟିନା ଖେଳାଳିଙ୍କ ବିଶୃଙ୍ଖଳିତ ଆଚରଣ, ମ୍ୟାଚ୍ ସମୟରେ ପ୍ରତିପକ୍ଷ ଖେଳାଳିଙ୍କୁ ବାରମ୍ବାର ଫାଉଲ ମାରିବା ଓ ତିକ୍ତ ପରିବେଶ ସୃଷ୍ଟି କରିବା ସତ୍ତ୍ୱେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଅନେକ କିଛି ଇଙ୍ଗିତ କରୁଛି।

ବିଶ୍ୱକପର ସେମି ଫାଇନାଲରେ ଇଂଲଣ୍ଡ ଓ ଆର୍ଜେଣ୍ଟିନା ମ୍ୟାଚ୍ ବେଳେ ଫିଫାର ପାତରଅନ୍ତରକୁ ନେଇ ତୀବ୍ର ସମାଲୋଚନା ହୋଇଥିଲା। କାରଣ ସେମିଫାଇନାଲ ଲଢ଼େଇରେ ଆର୍ଜେଣ୍ଟିନା ଏକପ୍ରକାର ଇଂଲଣ୍ଡ ନିକଟରୁ ହାରିସାରିଥିଲା। କାରଣ ମ୍ୟାଚର ୫୫ତମ ମିନିଟରେ ଗୋଲ ସ୍କୋର କରି ୧-୦ରେ ଅଗ୍ରଣୀ ରହିଥିଲା। ଯେତେବେଳେ ଆର୍ଜେଣ୍ଟିନା ଖେଳାଳି ମ୍ୟାଚ୍ ହାରିବା ସ୍ଥିତିକୁ ଜାଣିଥିଲେ, ସେତେବେଳେ ଇଂଲଣ୍ଡର ୱିଙ୍ଗର, ଡିଫେନ୍ସ ଓ ଫରୱାର୍ଡଙ୍କୁ ଫାଉଲ ମାରି ମ୍ୟାଚକୁ ନିଜ ସପକ୍ଷକୁ ଆଣିବାକୁ ଚେଷ୍ଟା କରିଥିଲେ। ପଡ଼ିଆରେ ରେଫରୀ ଏସବୁ ଦେଖି କିଛି ନ ଦେଖିବା ଭଳି ଆଖି ବୁଜିଦେଇଥିଲେ। ଲିଓନେଲ ମେସି ମଧ୍ୟ ସମ୍ଭାବ୍ୟ ପରାଜୟରେ ଜର୍ଜରିତ ହୋଇ ବହୁବାର ଇଂଲଣ୍ଡ ଖେଳାଳିଙ୍କୁ ଫାଉଲ ତଥା ଧକ୍କା ମାରିବାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା। ଇଂଲଣ୍ଡର ପରାଜୟ ପରେ ରେଫରୀ ଓ ଫିଫାକୁ ଖୁବ୍ ସମାଲୋଚନାର ସରବ୍ୟ ହେବାକୁ ପଡ଼ିଥିଲା। କିନ୍ତୁ ଚମତ୍କାର ଖେଳିଥିବା ଇଂଲଣ୍ଡକୁ ନ୍ୟାୟ ମିଳି ନ ଥିଲା। ଏହି ମ୍ୟାଚର ମାତ୍ର ୫ ମିନିଟ ମଧ୍ୟରେ ଆର୍ଜେଣ୍ଟିନା ୨ଟି ଗୋଲ୍ କରି ଫଳାଫଳକୁ ନିଜ ସପକ୍ଷକୁ ନେଇଥିଲା। ଏହା ପୂର୍ବରୁ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆର୍ଜେଣ୍ଟିନା ୩-୧ ଗୋଲରେ ସ୍ୱିଜରଲାଣ୍ଡକୁ, ପ୍ରିକ୍ୱାର୍ଟରରେ ଇଜିପ୍ଟକୁ ୩-୨ ଗୋଲରେ ଏବଂ










ରାଉଣ୍ଡ-୩୨ ମ୍ୟାଚରେ କେପଭର୍ଡେକୁ ୩-୨ ଗୋଲରେ ଆର୍ଜେଣ୍ଟିନା ଧରାସାୟୀ କରିଥିଲା। ଗ୍ରୁପ ପର୍ଯ୍ୟରେ ଆର୍ଜେଣ୍ଟିନା ୩-୦ ଗୋଲରେ ଆଲଜେରିଆ, ୨-୦ ଗୋଲରେ ଅଷ୍ଟ୍ରିଆ ଏବଂ ୩-୧ ଗୋଲରେ ଜୋର୍ଡାନକୁ ହରାଇଥିଲା।

ଜୁଲାଇ ୧୯ ରବିବାର ଫାଇନାଲ ଖୁବ୍ ସ୍ମରଣୀୟ ହୋଇ ରହିବ। ମେସି ଆର୍ଜେଣ୍ଟିନାକୁ ପୁଣିଥରେ ବିଶ୍ୱବିଜେତା ବନାଇବା ପାଇଁ ସ୍ପେନ ସହ ଲଢ଼ିଥିଲେ। ସ୍ଥିତି ଏପରି ହୋଇଥିଲା ଯେ ସ୍ପେନ ଏହି ମ୍ୟାଚକୁ ଆରମ୍ଭରୁ ଶେଷ ଯାଏ ନିଜ ନିୟନ୍ତ୍ରଣରେ ରଖିଥିଲା। ଲିଓନେଲ ମେସିଙ୍କୁ ଗୋଲ କରିବାର କୌଣସି ପ୍ରକାର ସୁଯୋଗ ଦେଇ ନ ଥିଲା ସ୍ପେନ। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ପୁଣି ଅତିରିକ୍ତ ସମୟ ଖେଳର ୧୦୬ ମିନିଟରେ ସ୍ପେନ ପକ୍ଷରୁ ଅତିରିକ୍ତ ଖେଳାଳି ଗୋଲ ସ୍କୋର କରି ଆର୍ଜେଣ୍ଟିନାର ସବୁ ଆଶାକୁ ଫିକା କରିଦେଇଥିଲେ। ମ୍ୟାଚ ହାରିଯିବା ପରେ ଆର୍ଜେଣ୍ଟିନା ଖେଳାଳି ପଡ଼ିଆ ଭିତରେ ସ୍ପେନ ଖେଳାଳିଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଏପରିକି ଆର୍ଜେଣ୍ଟିନାର ୨ ଜଣ ଖେଳାଳିଙ୍କୁ ରେଫରୀ ରେଡକାର୍ଡ ଦେଖାଇବାକୁ ବାଧ୍ୟ ହୋଇଥିଲେ। ଆର୍ଜେଣ୍ଟିନାର ଏନଜୋ ଫର୍ଣ୍ଣାଣ୍ଡିଜ୍ ଏବଂ ଲିଏଣ୍ଡ୍ରୋ ପରଡେସଙ୍କୁ ରେଡ କାର୍ଡ ଦେଖାଇ ଗୋଟିଏ ଲେଖାଏଁ ମ୍ୟାଚରୁ ବାସନ୍ଦ କରିଥିଲେ ରେଫରୀ।




ଏତିକିରେ ଆର୍ଜେଣ୍ଟିନା ଖେଳାଳିଙ୍କ ଅଭଦ୍ରାମୀ ଥମି ନ ଥିଲା। ଟ୍ରଫି ତଥା ପଦକ ପ୍ରଦାନ ଉତ୍ସବରେ ଯେତେବେଳେ ସ୍ପେନକୁ ବିଶ୍ୱବିଜେତା ଟ୍ରଫି ଦିଆଯାଉଥିଲା ସେତେବେଳେ ଆର୍ଜେଣ୍ଟିନା ଖେଳାଳି ପଛକରି ଠିଆ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫିଫାର ବହୁ ଅଧିକାରୀ ମଞ୍ଚରେ ଉପସ୍ଥିତ ରହି ଆର୍ଜେଣ୍ଟିନା ଖେଳାଳିଙ୍କ ଅଣଖେଳୁଆଡ଼ ମନୋଭାବକୁ ଦେଖିଥିଲେ। ଚଳିତ ଫିଫା ବିଶ୍ୱକପରେ ସବୁଠୁ ଅଧିକ ରେଡକାର୍ଡ ମଧ୍ୟ ଦିଆଯାଇଛି। ୧୬ ଜଣ ଖେଳାଳି ଫାଉଲ ତଥା ଅନ୍ୟାନ୍ୟ କାରଣ ପାଇଁ ରେଡକାର୍ଡ ପାଇଛନ୍ତି। ମେକ୍ସିକୋ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକାର ସ୍ପେଫେଲୋ ସିଥୋଲି, ଟେମ୍ବା ଜାୱାନେ, ମେକ୍ସିକୋର ଶେଷାର ମୁଣ୍ଟେସ ରେଡକାର୍ଡ ପାଇଥିଲେ। ଅର୍ଥାତ୍ ଚଳିତ ଫିଫା ବିଶ୍ୱକପର ଗୋଟିଏ ମ୍ୟାଚରେ ୩ ଜଣ ଖେଳାଳିଙ୍କୁ ରେଫରୀ ରେଡକାର୍ଡ ଦେଖାଇ ପଡ଼ିଆ ବାହାରକୁ ପଠାଇଥିଲେ। ପୁଣି ସ୍ୱିଜରଲାଣ୍ଡ ବିପକ୍ଷ ମ୍ୟାଚରେ ବୋସନିଆର ତାରିକ ମୁହା ରିମୋଭିକ, କାନାଡା ବିପକ୍ଷରେ କାତାରର ହୋମାନ ଅହମ୍ମଦ ଓ ଅସିମ ମାଡିଗୋ, ତୁର୍କୀ ବିପକ୍ଷରେ ପାରାଗୁଏର ମିଗୁଏଲ ଆଲମିରନ, ଇରାନ ବିପକ୍ଷରେ ବେଲଜିୟମର ନାଥନ ଏନଗୟେ , ସେନେଗାଲ ବିପକ୍ଷରେ ଇରାନ ରେବିନ









ରେବିନ ସୁଲାକା, ସ୍ପେନ ବିପକ୍ଷରେ ଉରୁଗୁଏର ଅଗଷ୍ଟିନ କାନୋବିଓ୍ୱୋ, ମେକ୍ସିକୋ ବିପକ୍ଷରେ ଇକ୍ୱେଡରର ପିଏରୋ ହିନକାପି, ବୋସନିଆ ବିପକ୍ଷରେ ଆମେରିକାର ଫୋଲାରିନ ବାଲୋଗନ, ମେକ୍ସିକୋ ବିପକ୍ଷରେ ଇଂଲଣ୍ଡର ଜରିଲ କ୍ୱାନ୍ସା ଏବଂ ଆର୍ଜେଣ୍ଟିନା ବିପକ୍ଷରେ ସୁଇଜରଲାଣ୍ଡର ବ୍ରିଲ ଇମ୍ବୋଲୋଙ୍କୁ ରେଫରୀ ରେଡକାର୍ଡ ଦେଖାଇ ଗୋଟିଏ ମ୍ୟାଚରୁ ବାସନ୍ଦ କରିଥିଲେ। ତେବେ ଆମେରିକାର ତାରକା ଖେଳାଳି ଫୋଲାରିନ ବାଲୋଗନଙ୍କ ବାସନ୍ଦ ହଟାଇବା କ୍ଷେତ୍ରରେ ରାଜନୈତିକ ଚାପ ନେଇ ଆଲୋଚନା ହୋଇଥିଲା। ଖୋଦ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଫିଫାକୁ କହିବା ପରେ ମତ ପରିବର୍ତ୍ତନ ସହ ଫିଫା ତାଙ୍କ ଉପରୁ ବ୍ୟାନ ହଟାଇଥିଲା।

ନ୍ୟୁୟର୍କ/ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚରେ ଆର୍ଜେଣ୍ଟିନାକୁ ୧-୦ ଗୋଲରେ ପରାସ୍ତ କରି ସ୍ପେନ୍ ୨୦୨୬ ଫିଫା ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିଲା। ଫୁଟବଲ୍ ଖେଳ ସହିତ ରାଜନୀତିକୁ ନେଇ ଚର୍ଚ୍ଚାରେ ରହିଥିବା ଏହି ବିଶ୍ୱକପରେ ସ୍ପେନ୍ ତା'ର ପ୍ରଥମ ଟାଇଟଲ୍ ଜିତିବାର ୧୬ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ବିଶ୍ୱ ବିଜେତା ହେବାର ଗୌରବ ଅର୍ଜନ କରିଥିଲା । ମ୍ୟାଚର ୯୩ ମିନିଟରେ ଆର୍ଜେଣ୍ଟିନାର ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍ ଦ୍ୱିତୀୟ ହଳଦିଆ କାର୍ଡ ପାଇ ପଡ଼ିଆରୁ ବାହାରିଯିବା ପରେ ଆର୍ଜେଣ୍ଟିନା ୧୦ ଜଣ ଖେଳାଳିରେ ସୀମିତ ହୋଇପଡ଼ିଥିଲା । ଏହାର ସୁଯୋଗ ନେଇ ୧୦୬ତମ ମିନିଟରେ ସ୍ପେନର ନିକୋ ୱିଲିୟମ୍ସଙ୍କ ପାସକୁ ବିଜୟୀ ଗୋଲ୍ ସ୍କୋର କରିଥିଲେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ଫେରାନ୍ ଟୋରେସ୍ ।

ସ୍ପେନର ମିଡଫିଲ୍ଡର ରୋଡ୍ରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ 'ଗୋଲ୍ଡେନ ବଲ୍' ପୁରସ୍କାର ଜିତିଥିଲେ । ଫ୍ରାନ୍ସର କିଲିଆନ୍ ଏମବାପେ ୧୦ଟି ଗୋଲ୍ ସହ 'ଗୋଲ୍ଡେନ ବୁଟ୍' ହାସଲ କରିବା ସହ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୨୨ଟି ଗୋଲର ସର୍ବକାଳୀନ ରେକର୍ଡ ନିଜ ନାମରେ କରିଛନ୍ତି । ଲିଓନେଲ୍ ମେସି ୮ଟି ଗୋଲ୍ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଟୁର୍ନାମେଣ୍ଟର ସହ-ଆୟୋଜକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## ପଡ଼ିଆରେ ହାତାହାତି

ବିଶ୍ୱକପ୍ ଫାଇନାଲ୍ ପରେ ଆର୍ଜେଣ୍ଟିନା ଓ ସ୍ପେନ୍ ଖେଳାଳିଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା । ମ୍ୟାଚ୍ ପରିସମାପ୍ତି ହ୍ୱିସଲ୍ ବାଜିବା ପରେ ଆର୍ଜେଣ୍ଟିନା ଲିଆଣ୍ଡ୍ରୋ ପାରଡେସ ସ୍ପେନର ମିଡଫିଲ୍ଡର ପାବ୍ଲୋ ଗାଭିରା (ଗାଭି)ଙ୍କୁ ରାଗରେ ଧକ୍କା ମାରୁଥିବା ଦେଖାଯାଇଥିଲା । ଆଉଜଣେ ଆର୍ଜେଣ୍ଟିନା ଖେଳାଳି ଥିଆଗୋ ଆଲମାଦା ମଧ୍ୟ ଏଥିରେ ସଂପୃକ୍ତ ଦେଖାଯାଇଥିଲା । ପାରେଦେସ୍‌ଙ୍କ ଧକ୍କା ଯୋଗୁ ପଡ଼ିଆରେ ଖସିପଡ଼ିଥିଲେ ।

ପରିସ୍ଥିତି ଖରାପ ହେଉଥିବା ଦେଖି ଆର୍ଜେଣ୍ଟିନା ପ୍ରଶିକ୍ଷକ ଲିଓନେଲ୍ ସ୍କାଲୋନି ସେଠାରେ ପହଞ୍ଚି ଉଭୟ ପକ୍ଷର ଖେଳାଳିଙ୍କୁ ଅଲଗା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । କିନ୍ତୁ ଉଭୟ ପକ୍ଷର ମଧ୍ୟରେ ଉତ୍ତେଜନା ଜାରି ରହିଥିଲା । ଏହି ଘଟଣା ପରେ ରେଫରୀ ସ୍ଲାଭୋ ଭିନ୍ସିକ ପାରଡେସଙ୍କୁ ଲାଲ କାର୍ଡ ଦେଖାଇଥିଲେ । ଏହି ବିବାଦର








କାରଣ ଜଣାପଡ଼ି ନାହିଁ ଓ ଫିଫା ପକ୍ଷରୁ ମଧ୍ୟ କୌଣସି ବୟାନ ଜାରି ହୋଇନାହିଁ । ତେବେ ପରାଜୟ ପରେ ହତାଶ ହୋଇ ଆର୍ଜେଣ୍ଟିନା ଖେଳାଳି ଏପରି କରିଥିବା ଅନୁମାନ କରାଯାଉଛି ।




## ବିବାଦ ଘେରରେ ବିଶ୍ୱକପ୍

**ଭିସା ଓ ଯାତାୟାତ ସମସ୍ୟା:** ସୋମାଲିଆର ରେଫରୀ ଓମାର ଅବଦୁଲକାଦିର ଆର୍ଟାନଙ୍କୁ ଆମେରିକାରେ ପ୍ରବେଶ ଅନୁମତି ମିଳିନଥିଲା ।

**ଟିକେଟ୍ ମୂଲ୍ୟ ବୃଦ୍ଧି:** ଡାଇନାମିକ୍ ପ୍ରାଇସିଂ ଯୋଗୁ ଫାଇନାଲ୍ ମ୍ୟାଚ୍ ଟିକେଟ୍ ମୂଲ୍ୟ ୨,୦୩୦ରୁ ୬,୩୭୦ ଡଲାର ପର୍ଯ୍ୟନ୍ତ ପହଞ୍ଚିଥିବାରୁ ଫ୍ୟାନ୍ସ ସଂଘଗୁଡ଼ିକ ଏହାର କଡ଼ା ବିରୋଧ କରିଥିଲେ ।

**ଟ୍ରମ୍ପଙ୍କ ହସ୍ତକ୍ଷେପ:** ଆମେରିକୀୟ ଖେଳାଳି ଫୋଲାରିନ୍ ବାଲୋଗାନ୍‌ଙ୍କ ରେଡ୍ କାର୍ଡ ବ୍ୟାନକୁ ଫିଫା ସସପେଣ୍ଡ କରିବା ନିଷ୍ପତ୍ତି ପଛରେ ଟ୍ରମ୍ପଙ୍କ ଚାପ ଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ୟୁଏଫ୍‌ଏ ଓ ବେଲଜିୟମ୍ ଫୁଟବଲ୍ ଆସୋସିଏସନ୍ ଖୋଲାଖୋଲି କ୍ଷୋଭ ପ୍ରକାଶ କରିଥିଲେ ।

## ସ୍ପେନ୍ ଓ ଆର୍ଜେଣ୍ଟିନାର ସଫଳତା ଯାତ୍ରା


ସ୍ପେନ୍ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହି ବିଜେତା ହୋଇଛି । ଏହାବାଦ୍ ଗ୍ରୁପରୁ ଫାଇନାଲ ପର୍ଯ୍ୟନ୍ତ ସ୍ପେନ କେବଳ ଗୋଟିଏ ଗୋଲ୍ ଖାଇଥିଲା ବେଳେ ୧୩ଟି ଦେଇଥିଲା । ଗ୍ରୁପ୍ ପର୍ଯ୍ୟାୟରେ କେପ୍ ଭର୍ଡେ ସହ ୦-୦ ଡ୍ର' ପରେ ସାଉଦୀ ଆରବକୁ ୪-୦ ଏବଂ ଉରୁଗୁଏକୁ ୧-୦ରେ ହରାଇଥିଲା । ନକଆଉଟ୍ ପର୍ଯ୍ୟାୟରେ ପର୍ତ୍ତୁଗାଲକୁ ୧-୦, ବେଲଜିୟମକୁ ୨-୧, ଅଷ୍ଟ୍ରିଆକୁ ୩-୦ ଏବଂ ସେମିଫାଇନାଲରେଫ୍ରାନ୍ସକୁ ୨-୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଅପରପକ୍ଷରେ, ଆର୍ଜେଣ୍ଟିନା କଠିନ ସଂଘର୍ଷ ଦେଇ ଫାଇନାଲରେ ପହଞ୍ଚିଥିଲା । ରାଉଣ୍ଡ ଅଫ୍ ୧୬ରେ ଇଜିପ୍ଟ ବିପକ୍ଷରେ ୨-୦ରେ ପଛୁଆ ରହି ମଧ୍ୟ ୩-୨ରେ ରୋମାଞ୍ଚକର ବିଜୟ ହାସଲ କରିଥିଲା । ସେମିଫାଇନାଲରେ ଜୁଲିଆନ୍ ଆଲଭାରେଜ୍‌ଙ୍କ ଗୋଲ୍ ବଳରେ ଆର୍ଜେଣ୍ଟିନା ୨-୧ରେ ଇଂଲଣ୍ଡକୁ ପରାସ୍ତ କରିଥିଲା । ଫ୍ରାନ୍ସ, ଆର୍ଜେଣ୍ଟିନା, ସ୍ପେନ୍ ଓ ଇଂଲଣ୍ଡକୁ ନେଇ ଗଠିତ ସେମିଫାଇନାଲ୍ ଲାଇନ୍‌ଅପ୍ ୧୯୯୨ରେ ଫିଫା ର୍‍ୟାଙ୍କିଂ ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ ଶୀର୍ଷ ୪ଟି ଦଳ ଶେଷ ୪ରେ ପହଞ୍ଚିବାର ରେକର୍ଡ ହୋଇଥିଲା ।

## ଆଗାମୀ ଭବିଷ୍ୟତ

୪୮-ଦଳୀୟ ଫର୍ମାଟ୍ ସଫଳ ହେବା ପରେ ଫିଫା ସଭାପତି ୨୦୩୦ ବିଶ୍ୱକପରେ ୬୪ଟି ଦଳକୁ ସାମିଲ କରିବା ନେଇ ସଙ୍କେତ ଦେଇଛନ୍ତି । ତେବେ ଖେଳାଳିଙ୍କ ଉପରେ କ୍ରମାଗତ ମ୍ୟାଚର ଚାପକୁ ନେଇ ବିଭିନ୍ନ ଖେଳାଳି ସଂଘ ଚିନ୍ତା ପ୍ରକାଶ କରିଛନ୍ତି ।

## ବିଶ୍ୱକପ୍ ପରାଜୟ ଚିର ଯନ୍ତ୍ରଣା

୪ ବର୍ଷ ତଳେ କାତାର ସଂସ୍କରଣଠାରୁ ବିଶ୍ୱକପ୍ ବିଜୟର ସ୍ୱପ୍ନକୁ ସାକାର କରି ସାରିଥିଲେ । କିନ୍ତୁ କ୍ରମାଗତ ଟ୍ରଫି ଜିତିବାର ଗୌରବ ଅର୍ଜନ ଲାଗି ରଖିଥିବା ଅଭିଳାଷ ପୂର୍ଣ୍ଣ କରିନପାରିବା ପରେ ଏବେ ମହାନ ଫୁଟବଲର୍ ଲିଓନେଲ୍ ମେସି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ରାତିରେ ସ୍ପେନ୍ ନିକଟରୁ ୦-୧ ଗୋଲରେ ପରଜୟ ବରଣ ପରେ ମେସି କହିଛନ୍ତି "ଏ ପରାଜୟ ଯନ୍ତ୍ରଣାଦାୟକ । ଏହା ମୋ ସହ ଚିରକାଳ ରହିବ ଏବଂ ଯନ୍ତ୍ରଣାରୁ ମୁକ୍ତି ପାଇଁ ଲମ୍ବା ସମୟ ଲାଗିବ' ।୩୯ ବର୍ଷୀୟ ମେସି ମଧ୍ୟ ବିଜୟୀ ସ୍ପେନକୁ ଅଭିନନ୍ଦନ ଜଣାଇଥିଲେ । ତଥାପି ଆର୍ଜେଣ୍ଟିନା ସମର୍ଥକମାନେ ଏକାଠି ରହିବା ଏବଂ ଗର୍ବର ସହ ବିଶ୍ୱକପ୍ ସ୍ମୃତିକୁ ସାଉଁଟିଥିବାରୁ ଖୁସି ବ୍ୟକ୍ତ କରିଥିଲେ । କ୍ରମାଗତ ଫାଇନାଲ୍ ଖେଳିବାର ଉପଲବ୍ଧିକୁ ନେଇ ଗର୍ବ କରିବାକୁ କହିଥିଲେ । ୨୦୨୨ ମସିହା ଫାଇନାଲରେ ମେସିଙ୍କ ଦଳ ଫ୍ରାନ୍ସକୁ ପରାସ୍ତ କରି ବିଶ୍ୱ ବିଜେତା ହୋଇଥିଲା । ଏଥର ଜିତିଥିଲେ ଦଳ ବିଶ୍ୱର ତୃତୀୟ ଦେଶ ଭାବେ ଟାଇଟଲ୍ ଜିତି ୬୪ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥାନ୍ତେ । ଏ ପର୍ଯ୍ୟନ୍ତ କେବଳ ଇଟାଲି (୧୯୩୪ ଓ ୧୯୩୮) ଏବଂ ବ୍ରାଜିଲ୍ (୧୯୫୮ ଓ ୧୯୬୨) ବିଶ୍ୱକପକୁ କ୍ରମାଗତ ଜିତିବାର ଦୁଇ ଦେଶ ହୋଇ ରହିଛନ୍ତି ।




## ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ

ଆମ ଦଳ କଠିନ ପରିଶ୍ରମ କରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ପ୍ରମାଣିତ କରିଛି । ଏହି ଖୁସିକୁ ମୁଁ ଧରି ରଖିବି । ଦଳର ଲଢୁଆ ପ୍ରବୃତ୍ତି ମଧ୍ୟ ପ୍ରଶଂସାର ପାତ୍ର ବୋଲି ମେସି କହିଛନ୍ତି । ବ୍ରାଜିଲର କାଫୁଙ୍କ ପରେ ମେସି ମଧ୍ୟ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୩ଟି ଫାଇନାଲ୍ ଖେଳିଛନ୍ତି । ପୂର୍ବରୁ ସେ ୨୦୧୪ ଓ ୨୦୨୨ରେ ଫାଇନାଲ୍ ଖେଳିଥିଲେ । ଏହି ମହାନ ଫରୱାର୍ଡ ମଧ୍ୟ ଆର୍ଜେଣ୍ଟିନାର ସବୁଠାରୁ ପଦକ ଆଭୂଷିତ ଫୁଟବଲର୍ ହୋଇଛନ୍ତି । ୨୦୨୨ ବିଶ୍ୱକପ୍ ସହିତ ୨୦୨୧ କୋପା ଓ ୨୦୨୪ରେ କୋପା ଆମେରିକା ଟ୍ରଫି ଏବଂ ୨୦୨୨ରେ ଫାଇନାଲିସିମା ଟ୍ରଫି ଜିତିଥିଲେ । ୮ ଥର ବାଲନ ଡି'ଓର ବିଜେତା ହୋଇ ମହାନତମ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିସାରିଛନ୍ତି । "ଫୁଟବଲକୁ ନେଇ ଦେଶ ପୁଣି ଥରେ ଏକାଠି ହୋଇପାରିଥିବାରୁ ମୁଁ ଗର୍ବିତ' ବୋଲି ମେସି ଶେଷରେ କହିଥିଲେ ।



ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

# ମୋବାଇଲରେ ଠାକୁର ଦେଖା

ପୁରୀ ରଥଯାତ୍ରା ବେଳେ ଏତେ ଲୋକ ମୋବାଇଲରେ ଠାକୁରଙ୍କ ଫଟୋ ଉଠେଇଲେ ଯେ ବିଷୟଟା ବଡ଼ ଦୃଷ୍ଟିକଟୁ ଲାଗିଲା । ଆଗରୁ ଅଧିକାଂଶ ଲୋକ ଦୁଇ ବାହା ଟେକି ଠାକୁରଙ୍କୁ ପ୍ରଣାମ କରିବା ଦେଖିଛୁ, ଏବେ ବେଶୀ ଲୋକ ଦୁଇ ବାହା ଟେକି ମୋବାଇଲରେ ଠାକୁରଙ୍କ ଫଟୋ ଉଠେଇବାରେ ବ୍ୟସ୍ତ । ରଥାରୁଢ଼ ତିନି ଠାକୁରଙ୍କୁ ଆଖି ପୂରେଇ ନ ଦେଖି, ସେ ଦୃଶ୍ୟକୁ କ୍ୟାମେରାରେ ବନ୍ଦୀ କରୁଛନ୍ତି - ପରେ ଦେଖିବେ, ଦେଖେଇବେ । ବିଷୟଟା ଭଲ ଲାଗିଲାନି ଯେ ସାମାଜିକ ଗଣମାଧ୍ୟମରେ କଥାଟା ଲେଖିଲି । ଅନେକେ କହିଲେ, ଆପଣ ଠିକ ଲେଖିଛନ୍ତି । ଏହା ଭିତରେ ଦୁଇଜଣ କମବୟସ୍କ ପିଲା (ଏମାନଙ୍କୁ ଜେନ-ଜି ବୋଲି କହୁଛନ୍ତି) ମୋତେ କହିଲେ, ଆଜ୍ଞା, ଆମର ଏ ବିଷୟରେ କିଛି କହିବାର ଅଛି । ଆଜିକାଲି ରଥଯାତ୍ରାରେ ଏତେ ଭିଡ଼ ହେଉଛି, ଠାକୁରଙ୍କ ପାଖକୁ ଯାଇ ହେଉନି । ଠେଲାପେଲା ହୋଇ ପହଁଚିଲେ ବି ମନ ପୂରେଇ ଠାକୁରଙ୍କୁ ଦେଖି ହେଉନି । ଠାକୁରଙ୍କୁ ଦୂରରୁ ଦେଖିବି ବୋଲି କ'ଣ ଦୂରବୀକ୍ଷଣ ଯନ୍ତ୍ର ଧରି ଯିବି ! ଏ କେସରେ ମୋବାଇଲ ଭଲ କାମ ଦଉଛି । ମୋବାଇଲରେ ଗୋଟେ ସୁବିଧା ଅଛି । କ୍ୟାମେରା ଜୁମ କରି ଠାକୁରଙ୍କୁ ଟିକେ ଭଲ ଭାବେ ଦର୍ଶନ କରିହୁଏ । ଠାକୁରଙ୍କୁ ଦୂରରୁ ଭଲ କରି ଦେଖି ହେଲା, ଫଟୋ ବି ଉଠେଇ ହେଲା । ଡବଲ ବେନିଫିଟ ।



# 'ଜଳ ରଥଯାତ୍ରା'



ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବାଦେ ସାରା ଭାରତରେ ବହୁ ଜାଗାରେ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ । ଚିଲିକା ହ୍ରଦ ମଧ୍ୟରେ ଥିବା କଙ୍କଣ ଶିଖରୀଠାରେ ସମ୍ପୂର୍ଣ୍ଣ ଭିନ୍ନ ଓ ନିଆରା ଢଙ୍ଗରେ ଅନୁଷ୍ଠିତ ହୁଏ । ଏହାକୁ ଜଳ-ରଥ ଯାତ୍ରା ବୋଲି କୁହାଯାଇପାରେ । ଏଠି ସୁସଜ୍ଜିତ ନୌକା ହିଁ ସାଜେ ମହାପ୍ରଭୁଙ୍କ ରଥ ଏବଂ ଚିଲିକାର ନୀଳ ଜଳରାଶି ପାଲଟେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ । କାଙ୍କଣ ଶିଖରୀରେ ଜଗନ୍ନାଥଙ୍କ ଆରାଧନା ଓ ରଥଯାତ୍ରା ପଛରେ ରହିଛି ଓଡ଼ିଶା ଇତିହାସର ଏକ ସଂଘର୍ଷପୂର୍ଣ୍ଣ ଅଧ୍ୟାୟ । ମୋଗଲ ଶାସକ ମହମ୍ମଦ ତକି ଖାଁଙ୍କ ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ ପରେ ଜଗନ୍ନାଥଙ୍କ ବିଗ୍ରହ ସୁରକ୍ଷା ପାଇଁ ସେବାୟତମାନେ ଚିଲିକା ଭିତରେ ଥିବା ଏହି ଟାପୁରେ ଶ୍ରୀଜିଉମାନଙ୍କୁ ରଖି ପୂଜା ଅର୍ଚ୍ଚନା କରୁଥିଲେ । ଟାପୁରେ ଗୁପ୍ତବାସ ସମୟରେ ତାଙ୍କ ପାଇଁ ଶ୍ରୀମନ୍ଦିର ଭଳି ଛପନ ଭୋଗର ବ୍ୟବସ୍ଥା ନଥିଲା । ଜଳ ଓ ଜଙ୍ଗଲ ଘେରା ନିର୍ଜନ ସ୍ଥାନରେ ପ୍ରାକୃତିକ ଭାବେ ମିଳୁଥିବା ବଣୁଆ କାଙ୍କଡ଼କୁ ରୋଷେଇ କରି ପ୍ରଭୁଙ୍କୁ ଭୋଗ ଲଗାଯାଉଥିଲା । ଏହି କାଙ୍କଡ଼ ଭୋଗ ପାଇଁ ସ୍ଥାନଟିର ନାମ ପରବର୍ତ୍ତୀ ସମୟରେ କାଙ୍କଣ ଶିଖରୀ ଭାବେ ପ୍ରସିଦ୍ଧି ଲାଭ କରିଛି ବୋଲି ଲୋକବିଶ୍ୱାସ । 'ଜଳ ରଥଯାତ୍ରା' ଦେଖିବାକୁ କ୍ରମଶଃ ଏଠାରେ ବେଶ୍ ଜନସମାଗମ ହେଲାଣି ।

# ପେଟର ହୃଦୟ

ମୋ ପେଟର ବି ଗୋଟେ ଛୋଟ ହୃଦୟ ଅଛି । ସେ ହୃଦୟ ଚିକେନ, ମଟନ, ଗୁପଚୁପ, ବାରମଜା, ଛେନାପୋଡ଼, ରସମଲେଇ - ନାନା ଖାଦ୍ୟରେ ଫିଦା ହୋଇଯାଏ । ତାକୁ ଖୋଜେ । ସମସ୍ୟା ହେଲା, ମୋ ପତ୍ନୀ ଏକଥା ବିଶ୍ୱାସ କରନ୍ତି ନାହିଁ । ସେ କହନ୍ତି, ତମର ବୟସ ହେଲାଣି ଡାକ୍ତର ଯାହା କହୁଛନ୍ତି ତାହା ଖାଅ । ଏକ୍ସଟ୍ରା କିଛି ନୁହେଁ । ଏବେ ମୁଁ ପତ୍ନୀ କଥା ଶୁଣିବି ନା ପେଟର ହୃଦୟର ଇଚ୍ଛା ପୁରଣ କରିବି?

# ଧ୍ୱନି-ଆକ୍ରାନ୍ତ ଆମର ଜନମାନସ

ଆମ ଜନପଦ ଓ ଜନମାନସ ଉଭୟ ଧ୍ୱନି-ଆକ୍ରାନ୍ତ । ନିରବତା ଆମକୁ ପସନ୍ଦ ନୁହେଁ । ଆମର ଯେ କୌଣସି ଉତ୍ସବ, ଶୁଭ ଅନୁଷ୍ଠାନ, ପୂଜା ପାର୍ବଣ ଏପରିକି ପୂଜା ଉପାସନା ବି ଧ୍ୱନି-ଆକ୍ରାନ୍ତ । ବଡ଼ି ଭୋରରେ ମାଇକରେ ଭଜନ ଓ ଅଜାନ- ଆମକୁ ଈଶ୍ୱରଙ୍କ ଉପସ୍ଥିତିକୁ କର୍ଣ୍ଣ ଗହ୍ୱର ବାଟେ ରେଖାଙ୍କିତ କରେ । ଡିଜେ ନ ବାଜିଲେ ଆମ ବାହାଘର ଅସମ୍ପୂର୍ଣ୍ଣ । ଆମ ନେତାମାନେ ଘଣ୍ଟା ଘଣ୍ଟା ଭାଷଣ ଦେବାକୁ ଜନସେବା ବୋଲି ଭାବନ୍ତି । ନେତାଙ୍କର ସମର୍ଥକମାନେ ଗଳା ଫଟେଇ ଜିନ୍ଦାବାଦ ଜିନ୍ଦାବାଦ କହିବାକୁ ସମାଜସେବା ବୋଲି ଭାବନ୍ତି । ଆମ ସଭାସମିତିଗୁଡ଼ିକରେ କଥାର ଫୁଲଝରୀ ହାବେଳୀ ହୋଇ ଫୁଟେ । ଆମ ରାସ୍ତାରେ ଗାଡ଼ିଗୁଡ଼ିକ ଅକାରଣରେ ବି ହର୍ଣ୍ଣ ବଜାଉଥାନ୍ତି । ବସ ଟ୍ରେନରେ ହକରମାନେ ଚିତ୍କାର କରି ନିଜ ଉପସ୍ଥିତି ଜାହିର କରନ୍ତି । ଆମ ସାହିବସ୍ତିରେ ହାତାହାତି କମ, ଗାଳିଗୁଲଜ ଅଧିକ, ଆକସନ କମ, ବିଲଡ-ଅପ ଆଉ ରିଆକସନ ଅଧିକ ।

ଆମେ ପାଞ୍ଚମିନିଟ କଉଠି ଚୁପଚାପ ବସି ପାରୁନା କି ରହିପାରୁନା । ମନ୍ଦିର ଭିତରେ ବି ଆମକୁ ଉଚ୍ଚ ସ୍ୱରରେ ଏବଂ ଉଚ୍ଚ ଶବ୍ଦରେ (ଘଣ୍ଟାକୁ ଢଙ୍ଗ ଢଙ୍ଗ କରି ବଜେଇ) ଈଶ୍ୱରଙ୍କୁ ଆମ ଉପସ୍ଥିତି ଜଣେଇବାକୁ ପଡ଼େ । ପାଠାଗାରରେ, ହାସପାତାଳରେ ବି ଆମକୁ କଥା ମାଡ଼େ । ଆମେ ସେଠି ବି କଥାବାର୍ତ୍ତା ହେଉ, ମୋବାଇଲରେ ରିଲ ଦେଖୁ, ହିହି ହସର ଫୁଆରାରେ ଅନ୍ୟମାନଙ୍କୁ ଭିଜେଇ ଦେଉ । ଟ୍ରେନରେ ବସରେ ଗଲାବେଳେ ବି ଆମେ ସେଇଆ କରୁ । ଅନ୍ୟ କେହି ନୀରବତା ଚାହୁଁଛନ୍ତି - ତାହା ଆମେ ହୁଏତ ବିଲକୁଲ ବୁଝୁନା, କିମ୍ବା ଭ୍ରୂକ୍ଷେପ କରୁନା । ସାରା ପୃଥିବୀରେ ସବୁଠାରୁ ଅଧିକ ଧ୍ୱନି-ଆକ୍ରାନ୍ତ ପାଞ୍ଚଟି ସହର ଭିତରୁ ଚାରୋଟି ଭାରତୀୟ ଉପମହାଦେଶରେ । ବହୁ ଛୋଟ ବଡ଼ ଭାରତୀୟ ସହର ଧ୍ୱନି ପ୍ରଦୂଷଣଗ୍ରସ୍ତ । ଡାକ୍ତରମାନଙ୍କ ମତରେ ଧ୍ୱନି ପ୍ରଦୂଷଣ ଶ୍ରବଣ ସମସ୍ୟା ସହିତ ହୃତପିଣ୍ଡରେ ମଧ୍ୟ ସମସ୍ୟା ସୃଷ୍ଟି କରେ । କିନ୍ତୁ ଆମର ସେଥିକୁ ପରବାୟ ନାହିଁ । ନିରବତା ଆମକୁ ପସନ୍ଦ ନୁହେଁ ।

# ଖଟିରେ ବିଶ୍ୱକପ

ଭାରତର ବିଶ୍ୱକପ ଫୁଟବଲ ପ୍ରେମୀମାନଙ୍କ ଭିତରୁ ୧୦ରେ ୮ ଜଣ ଲୋକ ଆଶା କରିଥିଲେ ଆର୍ଜେଣ୍ଟିନା ଜିତିବ, ଅଧିନାୟକ ମେସି ୩୯ ବର୍ଷରେ ଗୌରବର ଶୀର୍ଷରେ ପହଞ୍ଚିବେ । ସେମାନଙ୍କ ଭିତରୁ ଅନେକେ ଆର୍ଜେଣ୍ଟିନା ଦଳର ଧଳା ନୀଳ ଜର୍ସି ପିନ୍ଧି ଖେଳ ଦେଖୁଥିଲେ । ଜବର ମୁକାବିଲା ହେଲା । ହେଲେ ଜିତିଲା ସ୍ପେନ । ଏଥିକୁ ଅନେକଙ୍କ ମନ ବହୁତ ଦୁଃଖୀ । ସେମାନଙ୍କ ଦୁଃଖ ଲାଘବ କରିବା ପାଇଁ ବହୁତ ଗୁଲି ଗପ କାର୍ଟୁନ ମିମ ମାର୍କେଟକୁ ଆସିଗଲାଣି । ନିଅନ୍ତୁ ପଶ୍ଚିମବଙ୍ଗରୁ ଆମଦାନୀ ଗୋଟେ ବ୍ୟଙ୍ଗଚିତ୍ର । ମମତା ଦିଦି ମେସିଙ୍କୁ କହୁଛନ୍ତି, ମନ ଖରାପ କର ନା, ଏବର୍ଷ ଧଳା ନୀଳର ଭାଗ୍ୟ ଖରାପ ଚାଲିଛି । ଏଥିକୁ ଆଉ ଜଣେ ମନ୍ତବ୍ୟ ଦେଲେ ହଳଦିଆ ରଙ୍ଗ ଜର୍ସି ପିନ୍ଧିଥିଲେ ନିଶ୍ଚୟ ମ୍ୟାଚ ଜିତିଥାନ୍ତା ଆର୍ଜେଣ୍ଟିନା । କଟକର ଏକ ଖଟିରେ ମନ୍ତବ୍ୟ: ଫାଇନାଲରେ ଦେଖ ଆର୍ଜେଣ୍ଟିନାର ଗୋଲକିପାର ମାର୍ଟିନେଜ କେତେ ମେହନତ କଲା, ସ୍ପେନର ଗୋଲକିପାର ସାଇମନ ଖାଲି ବସି ବସି ଟାଇମ ପାସ କଲା । ସ୍ପେନବାଲା ମୋତେ ନେଇଥିଲେ ହୋଇଥାନ୍ତା !

ବ୍ୟଙ୍ଗଚିତ୍ର: ଶୁଭଦିପ



## କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ

ତେଲୁଗୁ ଚଳଚ୍ଚିତ୍ର 'ଓଃ..! ସୁକୁମାରୀ'ର ସଫଳତା ପରେ ଜଣାଶୁଣା ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାଜେଶଙ୍କ କ୍ୟାରିୟରରେ ଏକ ନୂଆ ଟର୍ଣ୍ଣିଂ ପଏଣ୍ଟ ଆସିବାକୁ ଯାଉଛି । ଆଗକୁ ତାଙ୍କୁ ସେ ସାଉଥ ସୁପରଷ୍ଟାର୍ ନନ୍ଦମୁରୀ ବାଲକୃଷ୍ଣଙ୍କ ହାଇ-ଭୋଲ୍ଟେଜ୍ ଆକ୍ସନ୍ ଚଳଚ୍ଚିତ୍ରରେ ମୁଖ୍ୟ ଖଳନାୟିକା ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି । ସୂଚନା ଅନୁଯାୟୀ, ନିର୍ଦ୍ଦେଶକ କୋରଟାଲା ଶିବଙ୍କ ନିର୍ଦ୍ଦେଶନାରେ ଏବଂ ସୁଧାକର ଚେରୁକୁରୀ ଓ ସୁଧାକର ମିକ୍କିଲିନେନୀଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମରେ ଐଶ୍ୱର୍ଯ୍ୟାଙ୍କ ଚରିତ୍ରଟି ଖୁବ ହଟକେ ହେବ । ନିଜର ଦମଦାର୍ ଅଭିନୟ ପାଇଁ ପରିଚିତ ଐଶ୍ୱର୍ଯ୍ୟା ଏବଂ ବାଲାୟାଙ୍କର ଆକ୍ସନକୁ ପରଦାରେ ଦେଖିବାକୁ ଫ୍ୟାନମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।





## ଆକସନପ୍ୟାକ ପାଇଁ ରେଡି

'ଅସୀ' ଚଳଚ୍ଚିତ୍ର ପରେ ବଲିଉଡ୍‌ର ନିର୍ଦ୍ଦେଶକ ଅନୁଭବ ସିହ୍ନା ନିଜର ପରବର୍ତ୍ତୀ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଯେଉଁଥିରେ ସିନେ ଇଣ୍ଡଷ୍ଟ୍ରିର ଦୁଇ ବଡ଼ ଆକ୍ସନ୍ ଷ୍ଟାର୍ ଟାଇଗର ଶ୍ରଫ୍ ଏବଂ ବିଦ୍ୟୁତ୍ ଜାମୱାଲ୍ ଏକତ୍ର ନଜର ଆସିବେ । ଦୁଇ ପାୱାରପ୍ୟାକ୍ ବଡିବିଲ୍ଡର ପ୍ରଥମ ଥର ପାଇଁ ଏକାଠି ଅଭିନୟ କରିବାକୁ ଯାଉଥିବାରୁ ଫିଲ୍ମଟି ଆକ୍ସନରେ ଭରପୂର ହୋଇଥିବା ସିନେପ୍ରେମୀ ଆଶାପୋଷଣ କରିଛନ୍ତି । ସୂଚନା ଅନୁସାରେ ଚଳିତ ବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଚଳଚ୍ଚିତ୍ରଟି ବର୍ତ୍ତମାନ ପ୍ରି ପ୍ରଡକସନ୍ ପର୍ଯ୍ୟାୟରେ ରହିଛି, ଯେଉଁଥିରେ ସ୍କ୍ରିନ୍‌ପ୍ଲେ ଏବଂ ଆକ୍ସନ୍ ଡିଜାଇନ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ତେବେ ବର୍ତ୍ତମାନ କାହାଣୀ ସମ୍ପର୍କରେ ଜଣା ପଡିନାହିଁ । ହେଲେ ଉଭୟଙ୍କ ଆକସନ ଖୁବ ଭଲ ହୋଇଥିବାରୁ ଫିଲ୍ମଟି ନିଶ୍ଚୟ ଧମାକାଦାର ହେବ ବୋଲି ଦର୍ଶକ ଆଶା ରଖିଛନ୍ତି ।

## କର୍ତ୍ତବ୍ୟଥିଲା ସୁରକ୍ଷା ଦେବା

ରାଘବ ଜୁୟାଲଙ୍କ ଜନ୍ମଦିନ ଉତ୍ସବର ଏକ ଭିଡିଓ ଭାଇରାଲ ହେବା ପରେ ଅଭିନେତ୍ରୀ ସେହନାଜ୍ ଗିଲ୍‌ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଯାହା ଉପରେ ଏବେ ଅଭିନେତା ରାଘବ ଜୁୟାଲ ନିଜର ପ୍ରତିକ୍ରିୟା ରଖି ସମସ୍ତ ଗୁଜବର ଅନ୍ତ ଘଟାଇଛନ୍ତି । ଏକ ସାକ୍ଷାତକାରରେ ରାଘବ କହିଛନ୍ତି ଯେ ତାଙ୍କ ପରିବାର ଓ ମା'ବାପା ତାଙ୍କୁ ଜଣେ ପ୍ରକୃତ ପୁରୁଷ ଭାବେ ଗଢ଼ିତୋଳିଛନ୍ତି, ଯାହାଙ୍କର ନୈତିକ କର୍ତ୍ତବ୍ୟ ହେଉଛି ନିଜ ସହ ଥିବା ମହିଳା, ପରିବାର ଓ ବନ୍ଧୁମାନଙ୍କୁ ସୁରକ୍ଷା ଦେବା । ସେହି ଭିଡିଓ ବିଷୟରେ ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ସେହି ସ୍ଥାନରେ ସେହନାଜ୍‌ଙ୍କ ସ୍ଥାନରେ ଅନ୍ୟ କୌଣସି ଝିଅ ଥିଲେ ମଧ୍ୟ ସେ ସମାନ ଆଚରଣ କରିଥାନ୍ତେ । କାରଣ ସେଠାରେ ଅନେକ ଲୋକ ବାଟ ଓଗାଳୁଥିବାରୁ ଜଣେ ନାରୀର ସୁରକ୍ଷା କରିବା ତାଙ୍କର କର୍ତ୍ତବ୍ୟ ଥିଲା । ସୂଚନା ଅନୁସାରେ ରାଘବ ଶ୍ରୀକାନ୍ତ ଓଡେଲାଙ୍କ ନିର୍ଦ୍ଦେଶିତ ଅଭିନେତା ନାନୀଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଦି ପାରାଡାଇଜ୍'ରେ ମୁଖ୍ୟ ଖଳନାୟକ ଭୂମିକାରେ ନଜର ଆସିବେ ।





## ବ୍ୟସ୍ତ ଅଛନ୍ତି ପ୍ରିୟଙ୍କା

ଏସ୍.ଏସ୍. ରାଜାମୌଲୀଙ୍କ ବହୁପ୍ରତୀକ୍ଷିତ ଏପିକ୍ ଆକ୍ସନ୍-ଆଡଭେଞ୍ଚର୍ ଚଳଚ୍ଚିତ୍ର 'ବାରାଣସୀ'ର ପ୍ରିୟଙ୍କାଙ୍କ ପ୍ରଥମ ଲୁକ୍ 'ମନ୍ଦାକିନୀ' ରିଲିଜ କରିଛନ୍ତି । 'ଆର୍.ଆର୍.ଆର୍.' ର ମହାସଫଳତା ପରେ ରାଜାମୌଲୀଙ୍କ ଏହି ଚଳଚ୍ଚିତ୍ରରେ ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଫିଲ୍ମଟି ୭ ଏପ୍ରିଲ୍ ୨୦୨୭ରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବବୋଲି ଜଣା ପଡିଛି । ଏହି ଚଳଚ୍ଚିତ୍ରଟି ଟାଇମ ଟ୍ରାଭେଲ ଉପରେ ଆଧାରିତ ଏକ କାଳ୍ପନିକ ଓ ଆଧାତ୍ମିକ କାହାଣୀ । ଏଥିରେ ମହେଶ ବାବୁ 'ରୁଦ୍ର' ଚରିତ୍ର ସହ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ, ପୃଥ୍ୱୀରାଜ 'କୁମ୍ଭ' ନାମକ ଖଳନାୟକ ଚରିତ୍ରରେ ଅଭିନୟ କରୁଛନ୍ତି ଏବଂ ପ୍ରିୟଙ୍କା 'ମନ୍ଦାକିନୀ' ଭୂମିକା ତୁଲାଉଛନ୍ତି । ଏହା ବ୍ୟତୀତ ପ୍ରିୟଙ୍କାଙ୍କୁ ମ୍ୟାଟ୍ ସ୍କୁକଲରଙ୍କ ନିର୍ଦ୍ଦେଶିତ ସର୍ଭାଇଭାଲ୍ ଥ୍ରୀଲର୍ 'ରିସେଟ୍'ରେ ମଧ୍ୟ ହଲିଉଡ୍ ଅଭିନେତା ଓର୍ଲାଣ୍ଡୋ ବ୍ଲୁମ୍‌ଙ୍କ ସହ ଦେଖିବାକୁ ମିଳିବ ।



## ଆବଶ୍ୟକ ନଥାଏ କସମେଟିକ ସର୍ଜରୀ

ବଲିଉଡ୍ ଅଭିନେତ୍ରୀ ଦିୟା ମିର୍ଜା ସବୁବେଳେ ନିଜର ସ୍ୱଷ୍ଟବାଦିତା ପାଇଁ ଜଣାଶୁଣା । ସେ ନିକଟରେ ସୁନ୍ଦରତାର ମାପଦଣ୍ଡକୁ ନେଇ ମନଖୋଲି କଥା ହୋଇଛନ୍ତି । ଏକ ସାକ୍ଷାତକାରରେ ଦିୟା ପ୍ରକାଶ କରିଛନ୍ତି ଯେ, ନିଜ କ୍ୟାରିୟର୍ ମଧ୍ୟରେ ଇଣ୍ଡଷ୍ଟ୍ରୀର କିଛି ପ୍ରଭାବଶାଳୀ ପୁରୁଷ ତାଙ୍କୁ ଓଠ କିମ୍ବା ଶରୀରର ଅନ୍ୟାନ୍ୟ ଅଙ୍ଗକୁ କସମେଟିକ ସର୍ଜରୀ ଦ୍ୱାରା ବଦଳାଇବାକୁ ପରାମର୍ଶ ଦେଇଥିଲେ । ହେଲେ କୌଣସି ମହିଳା କେବେବି ତାଙ୍କୁ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ବଦଳାଇବାକୁ କହିନାହାନ୍ତି, ବରଂ ସବୁବେଳେ ପୁରୁଷମାନେ ହିଁ ମହିଳାମାନଙ୍କ ମନରେ ସୁନ୍ଦର ଓ ବୟସ୍କ ନଦିଶିବାର ଭୟ ସୃଷ୍ଟି କରି ଏହି ଇଣ୍ଡଷ୍ଟ୍ରୀକୁ ନିୟନ୍ତ୍ରଣ କରୁଛନ୍ତି ବୋଲି ଦିୟା କହିଛନ୍ତି । ଏନେଇ ଦିୟା କ୍ଷୋଭ ପ୍ରକାଶ କରିବା ସହିତ ଏହା ଖୁବ ଭୟଙ୍କର ବୋଲି ମତ ରଖିଛନ୍ତି ।





# ହସମୁଖ୍ ଖୁଣ୍ଟିଆ

ଝମ୍ ଝମ୍ ଝୁଣ୍ଟିଆ
ହସମୁଖ୍ ଖୁଣ୍ଟିଆ
ବଟୁଆଟେ ଝୁଲେଇ
ଝୁଲିଝୁଲି ଚାଲେ ସିଏ
ପେଟଟିକୁ ଫୁଲେଇ ॥
କଟ୍ କଟ୍ କୁଣ୍ଡିଆ
ସିଏ ଚନ୍ଦାମୁଣ୍ଡିଆ
ଘର ବଡ଼ ବାଲିଆ
ପାନଖିଆ ପାଟି ତା'ର
ଦିଶେ ଭାରି ନାଲିଆ ॥
ରପ୍ ରପ୍ ରପୁଡ଼ା
ଲୋକଟି ସେ ଗପୁଡ଼ା
ଯେତେ ଯିଏ ବୋଲିଲେ
ଅଟକେନି ସିଏ ତା'ର
ପାଟି ଥରେ ଖୋଲିଲେ ॥
ଚର୍ ଚର୍ ଚଉସା
କିଏ ଡାକେ ମଉସା
ଡାକେ କିଏ ଭାଇଲୋ
ଦୁଃଖସୁଖ ହେବା ଟିକେ
ଏଇଠିକି ଆଇଲୋ ॥
ଜକ୍ ଜକ୍ ଜକ୍କିଆ
ହସ ଲକ୍ଷେଟଙ୍କିଆ
ତା'ର ନାଲି ହସରେ
ପିଲା ଠାରୁ ବୁଢ଼ାଯାକେ
ହୋଇଯାନ୍ତି ବଶରେ ॥
ଘଷ୍ ଘଷ୍ ଘାଷିଆ
ଭାରି ଖୁସିବାସିଆ
ଦେଖେ ଯିଏ ତାହାକୁ
ଏମିତିକା ସିଏ ଭଲ
ନ ଲାଗେ ବା କାହାକୁ ॥
କଡ଼୍ କଡ଼୍ କଡ଼ିଆ
ଲୋକ ଭାରି ବଢ଼ିଆ
ଛାଡ଼ି ରୁଷାରୁଷିରେ
ତା' ପରିକା ସଦାବେଳେ
ଥିବା ଆମେ ଖୁସିରେ ॥

**ଡ. ସଚ୍ଚିଦାନନ୍ଦ କର**
ନୂଆପଡ଼ା, ନୟାବଜାର,
କଟକ
ମୋ: ୯୮୬୧୨୧୧୦୫୧

# ଫେରିଆରେ ଜଗା

ଭକତଟେ ତୋତେ ଡାକୁଥାଏ ବୋଲି
ଛାଡିଗଲୁ ଶ୍ରୀମନ୍ଦିର
ଅଚିନ୍ତାରେ ଭାଇ ଭଉଣୀଙ୍କୁ ନେଇ
ବୁଲୁଛୁ ମାଉସୀ ଘର ॥
ବଡ଼ଦାଣ୍ଡେ ଭକ୍ତ ଯେତେ ଡାକିଲେ ବି
ଡ଼ାକ ତୋତେ ଶୁଭେନାହିଁ
କେମିତି ଶୁଭିବ ମାଉସୀ ଘରେ ତୁ
ମଉଜ କରୁଛୁ ଯାଇ ॥
ଭାଇ ଭଉଣୀଙ୍କୁ ନେଇ ତୁ ମଉଜ
କରୁଅଛୁ ସିନା କେତେ
ତୋତେ ଡାକି ଡ଼ାକି ଭକତ ତୋହର
ଦୁଃଖ ପାଇଲେଣୀ ଯେତେ ॥
କେତେ ଦୁଃଖ ଆଉ ଦବୁରେ କାଳିଆ
ଭକତମାନଙ୍କୁ ତୁହି
ତୋତେ ଚାହିଁ ଚାହିଁ ବେଳ ସରେ ସିନା
ଦେଖା ତୋର ମିଳେନାହିଁ ॥
ଫେରିଆରେ ଜଗା ତୋ ବଡ଼ଦେଉଳ
ଫେରିଆ ତୋ ଶ୍ରୀମନ୍ଦିର
ଯେମିତି ଭକ୍ତର ଦୁଃଖ ବୁଝୁଥିଲୁ
ସେମିତି ପୁଣି ତୁ କର
ସେମିତି ପୁଣି ତୁ କର ॥

**ଦୀପକ କୁମାର ନାୟକ**
ଗଣ୍ଡାନାଳୀ, ହିନ୍ଦୋଳ, ଢେ଼ଙ୍କାନାଳ
ମୋ: ୮୬୩୭୨୬୧୮୨୮

# କେତେ ରଙ୍ଗ କେତେ ସ୍ମୃତି

କେତେ ରଙ୍ଗ ଝରେ ଜୀବନ ଆକାଶେ,
ସକାଳର ହସ, ସଞ୍ଜର ଉଦାସେ,
କେତେ ସ୍ମୃତି ବହେ ହୃଦୟ ତନ୍ତ୍ରୀରେ
ଆଶାର ଆଳାପ, ନିରାଶା ଭିତରେ ॥
ହସରେ ଲୁଚିଛି ଅଶ୍ରୁ ଶତ ଧାର
ନୀରବତା ମଧ୍ୟେ ବ୍ୟଥା ଯେ ଗଭୀର
ସୁଖ ହଜି ଯାଏ ଦୁଃଖର ଛାୟାରେ
ସୁଖ ଦୁଃଖ ମିଶି ସୃଷ୍ଟି ଏ ସଂସାରେ ॥
ପରିଚୟ ଜାଗେ ରଙ୍ଗ ବଦଳରେ
ଆଜିର ଅଶାନ୍ତି, କାଲି ଶାନ୍ତି ଭରେ ।
ଉଠେ ନୂଆ ସ୍ୱର, ଅପୂର୍ବ ସେ ଗୀତି
ନାମ ସଂକୀର୍ତ୍ତନେ ଅନ୍ତ ହୁଏ ଭୀତି ॥
ହସ ଓ କାନ୍ଦର ଅନିତ୍ୟ ସଂସାର
ଶେଷ ଶିଖା ଏକ ଜ୍ୟୋତିର ଆଧାର,
ନିଜେ ବଞ୍ଚି ରହି ହୁଅରେ ସାହାରା
ସାର୍ଥକତା ତବ ଜୀବନ ନିଆରା ॥

**ହର ମୋହନ ଦାଶ,** ଭଦ୍ରକ

# ଆସୁଛି ରଥ



ଘାଇଁ ଘିଡ଼ି ଘିଡ଼ି ଗଡୁଚି ରଥ
ରଥରେ ଆସୁଚି ଜଗତ ନାଥ
ସାଥିରେ ଭଉଣୀ ଭାଇ
ତୋରା ଦିଶୁଅଛି ବଳିଆ ଠାକୁର
ପାଖରେ ହଳଦୀମୁହିଁ ॥
ଝାଇଁ ଝାଇଁ ବାଜେ ଝାଞ୍ଜକୁ ଖୋଳ
ଢାଇଁ ଢାଇଁ ଖୋଳ ମୃଦଙ୍ଗ ତାଳ
ଭକତ ସଭିଏଁ ରୁଣ୍ଡ
ହରିବୋଲ ହୁଳହୁଳି ଶବଦ ରେ
ଉଚ୍ଛୁଳି ପଡୁଚି ଦାଣ୍ଡ ॥
ଚାଇଁ ଚାଇଁ ଖରା ତାତିକୁ ତଡ଼ି
ଛାଇ ଛାଇ ମେଘ ଆସିଚି ଫେରି
ଚାଲ ଯିବା ମିଶି ପୁରୀ
ରଥରେ ଦେଖିବା କାଳିଆ ଠାକୁର
ପାପ ତାପ ଯିବ ସରି ॥
ଝିଲିରି ମିଲିରି ଟାହିଆ ମେଲି
କାଳିଆ ସାଆନ୍ତ ଆସନ୍ତି ଝୁଲି
ନାଲି ଓଠେ ହସ ଧାର
ଦରଶନ କରି ଭକତ ନାଚନ୍ତି
ରୂପ କେଡ଼େ ମନୋହର ॥
ଜୟ ଜଗନ୍ନାଥ ନାମଟି ଘୋଷି
ଟାଣିବା ଦଉଡ଼ି ହାତରେ କଷି
ରଥ ଯିବ ଗଡ଼ି ଗଡ଼ି
ସଭିଙ୍କ ମଙ୍ଗଳ କରନ୍ତୁ ନାଥ
ଡାକିବା ହାତକୁ ଯୋଡ଼ି ॥

**ଭୁବନାନନ୍ଦ ପାଣିଗ୍ରାହୀ**
ଗେଡିଆପଲ୍ଲୀ , ଖୋର୍ଦ୍ଧା
ମୋ: ୯୯୩୭୭୨୪୩୧୨



# ପାଣି ଖେଳଇ ଦୋଳି

ପାଣି ଖେଳଇ ଦୋଳିରେ ଭାଇ
ପାଣି ଖେଳଇ ଦୋଳି
କେବେ ଉପର କେବେ ତଳକୁ
ଆସଇ କରି ପାଳି ॥
ନଈ ପୋଖରୀ ସାଗର ଦେହୁ
ମହା ଆକାଶ ଯାଏ
ବାଦଲ ସଙ୍ଗେ ମିଶି ମିଶିକା
ଶୂନ୍ୟରେ ବୁଲୁଥାଏ ॥
ଯେବେ ଅଧିକ ଶୀତଳ ହୁଏ
ପଥର ରୂପ ନିଏ
ପାଣି ପଥର ପାଲଟି ଯାଇ
ଆମକୁ ଦେଖା ଦିଏ ॥
କିଏ କୁହଇ କୁଆ ପଥର
ବରଫ କୁହେ କିଏ
ଅଧିକ ପାଣି, ଗାଆଁ ସହର
ଭସେଇ ନେଇ ଯାଏ ॥
ପାଣି ପଥର ଅଧିକ ହେଲେ
ଫସଲ ଯାଏ ଖାଇ
ଚେଷ୍ଟା କରିଲେ କେହି ବି ତାକୁ
ରୋକି ପାରଇ ନାହିଁ ॥
ପାଣିର ଅନ୍ୟ ନାମ ଜୀବନ
ଯେବେ ସେ ଯାଏ ଶୁଖି
ଜୀବର ଦେହୁ ଉଡ଼ି ପଳାଏ
ତା' ର ପ୍ରାଣର ପକ୍ଷୀ ॥

**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୯୯୦୩୮



"ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର"



# ଷ୍ଟାଇଲିସ୍ ମନସୁନ


ବର୍ଷା ଦିନେ ବର୍ଷା କାରଣରୁ କେଉଁ ପୋଷାକ ପିନ୍ଧିବେ ସେଥିପାଇଁ ଖୁବ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଥାଏ । ସେହିଭଳି ଯେଉଁମାନେ ଷ୍ଟାଇଲିଷ୍ଟ ପୋଷାକ ପିନ୍ଧିବାକୁ ଚାହାନ୍ତି ସେମାନଙ୍କ ପାଇଁ ଏହା ଏକ ସମସ୍ୟାରେ ପରିଣତ ହୋଇଥାଏ । ତେବେ ଆସନ୍ତୁ କିଛି ଟ୍ରିକ ସମ୍ପର୍କରେ ଜାଣିବା ଯାହାକୁ ଅନୁକରଣ କରି ଆପଣ ଏକ ଷ୍ଟାଇଲିସ୍ ମନସୁନ କ୍ରିଏଟ କରିପାରିବେ ।

## ଜର୍ଜେଟ୍

ଫ୍ୟାଶନେବୁଲ୍ ଏବଂ ଷ୍ଟାଇଲିସ୍ ଲୁକ୍ ପାଇଁ ଜର୍ଜେଟ୍ ଅତ୍ୟନ୍ତ ଉତ୍ତମ । ଏହା ହାଲୁକା, ନମନୀୟ ଏବଂ ଅତି ଶୀଘ୍ର ଶୁଖିଯାଉଥିବାରୁ ଆର୍ଦ୍ରତାପୂର୍ଣ୍ଣ ପାଗରେ ପିନ୍ଧିବା ପାଇଁ ଏକ ଭଲ ଅପସନ ହୋଇଥାଏ । ଏହା ଏକ ଷ୍ଟାଇଲିଷ୍ଟ ଲୁକ ମଧ୍ୟ ଦେଇଥାଏ ।

## ହାଲୁକା ସୁତା ଓ ଲିନେନ୍

ଏହି କପଡ଼ାଗୁଡ଼ିକ ଶରୀରକୁ ଥଣ୍ଡା ରଖନ୍ତି ଏବଂ ଝାଳ ଶୁଖାଇବାରେ ସାହାଯ୍ୟ କରନ୍ତି । ସେହିଭଳି ଏଗୁଡ଼ିକ ହାଲୁକା ହୋଇଥିବାରୁ ପିନ୍ଧିବାକୁ ଭଲ ହୋଇଥାଏ । ତେବେ ବର୍ଷାରେ ଓଦା ହେଲେ ଏହା ଶରୀରରେ ଲାଖିଯିବାର ସମ୍ଭାବନା ଥିବାରୁ, ସବୁବେଳେ ଏହି କପଡ଼ାର ଢିଲା ଓ ଫ୍ରି-ସାଇଜ୍ ପୋଷାକ ପିନ୍ଧିବା ଉଚିତ୍ ।





## ନାଇଲନ୍ ଓ ପଲିଏଷ୍ଟର ବ୍ଲେଣ୍ଡ

ଅଚାନକ ବର୍ଷା ପାଇଁ ଏଗୁଡ଼ିକ ସବୁଠାରୁ ଭଲ ବିକଳ୍ପ । ଏଗୁଡ଼ିକ ଓଦା ହେଲେ ଖୁବ ଶିଘ୍ର ଶୁଖିଥାଏ ତେଣୁ ଏହା ଖୁବ ଭଲ ହୋଇଥାଏ ବାହାରକୁ ଯିବାବେଳେ ପିନ୍ଧିବା ପାଇଁ ।

## କ୍ରେପ୍

ଜର୍ଜେଟ୍ ଭଳି ଏହା ମଧ୍ୟ ହାଲୁକା ଏବଂ ଖୁବ ରିଲାକ୍ସିଂ । ଦୈନନ୍ଦିନ ବ୍ୟବହାର ହେଉଥିବା ଡ୍ରେସ୍ ଏବଂ କୁର୍ତ୍ତି ପାଇଁ ଏହା ଅତି ସୁନ୍ଦର । ପ୍ରତିଦିନର ଅଫିସ ଡ୍ରେସ ପାଇଁ ଏହା ଖୁବ ଭଲ ବିକଳ୍ପ ହୋଇଥାଏ ।

## କେଉଁ କପଡ଼ା ପିନ୍ଧିବେ ନାହିଁ

ଜିନ୍ସ ଓ ଭାରୀ ସୁତା କପଡ଼ା ଏହିଦିନେ ପିନ୍ଧନ୍ତୁ ନାହିଁ । ଏଗୁଡ଼ିକ ସ୍ପଞ୍ଜ ଭଳି ପାଣି ଓ ଆର୍ଦ୍ରତାକୁ ଶୋଷି ନିଅନ୍ତି । ସେହିଭଳି ରେୟନ୍ ଓ ଭିସ୍କୋସ୍ ମଧ୍ୟ ବର୍ଷାଦିନ ପାଇଁ ଅନୁପଯୋଗୀ ହୋଇଥାଏ । କେବେ ବି ଏହି ଦିନେ ସିଲ୍କ ଓ ଭେଲଭେଟ୍ ପୋଷାକ ପିନ୍ଧନ୍ତୁ ନାହିଁ । ପାଣି ପଡ଼ିଲେ ସିଲ୍କ କପଡ଼ାରେ ସହଜରେ ଦାଗ ରହିଯାଏ ଏବଂ ଭେଲଭେଟ୍ ଅତ୍ୟଧିକ ଓଜନିଆ ହୋଇଥିବାରୁ ଓଦା ହେଲେ ଶୀଘ୍ର ଶୁଖେ ନାହିଁ ।





# ଚା



**ଭାରତର ଜାତୀୟ ପାନୀୟ କହିଲେ ଚା'କୁ ହିଁ ବୁଝାଇଥାଏ ବାହାଘର ହେଉ କି ଜନ୍ମଦିନ ସବୁସ୍ଥାନରେ ଏହାର ଚାହିଦା ଥାଏ । କେହି ବନ୍ଧୁ ଆସି ପହଞ୍ଚିବା ସମୟ ହେଉ କି ଯିବା ସମୟ ସବୁବେଳେ ସମସ୍ତଙ୍କୁ ଯଚା ଯାଇଥାଏ ଚା' । ସେହିଭଳି ଶୀତଦିନ ଆସିଲେ ଏହାର ଚାହିଦା ବେଶି ବଢ଼ିଯାଇଥାଏ ।**

ଭାରତୀୟ ବଜାରରେ ବିଭିନ୍ନ କିସମର ଚା' ମିଳିଥାଏ ନାଲି ଚା', ଖୀର ଚା', ହର୍ବାଲ ଟି, ଲେମନ ଟି, ଗ୍ରୀନ ଟି ଆଦି ଅନେକ ଚା' ରହିଛି । ହେଲେ ଫୁଲକୁ ବି ଚା'ରେ ବ୍ୟବହାର କରିହେବ ତାହା ଶୁଣିଲେ ଟିକେ ଅଜବ ଲାଗେ । ତେବେ ଏଭଳି ମଧ୍ୟ କେତେକ ଚା' ରହିଛି ଯାହାକୁ ଫୁଲ ବ୍ୟବହାର କରି ପ୍ରସ୍ତୁତ କରାଯାଇଥାଏ ।

## ଚାମୋମିଲେ ଟି

ଏହି ଚା'କୁ ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ଧରଣର ଫୁଲକୁ ବ୍ୟବହାର କରାଯାଇଥାଏ । ଏହାର ସ୍ୱାଦ ମିଠା ଓ ସେଓ ଫ୍ଲେବରର ହୋଇଥାଏ । ଏହି ଚା'କୁ ସମସ୍ତ ବର୍ଗର ଲୋକ ପିଇବାକୁ ପସନ୍ଦ କରିଥାଆନ୍ତି । ସେହିଭଳି ଏହା ମନକୁ ଶାନ୍ତି ଦେଇ ଚାପ ମୁକ୍ତ କରାଇଥାଏ ।

## ଲାଭେଣ୍ଡର ଟି

ଏହି ଫୁଲର କିଛି ଶୁଖିଲା ପାଖୁଡାରେ ଭରି ରହିଥାଏ ସ୍ୱାସ୍ଥ୍ୟପୋଯୋଗୀ ଗୁଣ । ଅଧାଚାମଚ ଶୁଖିଲା ଲାଭେଣ୍ଡରର ଗୁଣ୍ଡ ଶରୀର ପାଇଁ ଉପକାରୀ । ଏହା ଆଙ୍ଗଜାଇଟ୍ ସହ ମାନସିକ ଚାପରୁ ମୁକ୍ତି ଦେଇଥାଏ । ଏହି ଚା' କେଶ ଝଡିବାକୁ ମଧ୍ୟ ରୋକିଥାଏ ।

## ବୋରେଜ୍ ଟି

ଏହି ନିଆରା ଚା' ନିଜର ରଙ୍ଗ ପାଇଁ ବେଶ୍ ପରିଚିତ । ଏହାର ଗାଢ ନୀଳ ରଙ୍ଗ ସମସ୍ତଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଥାଏ । ଏହି ଚା'ର ଅନେକ ଔଷଧୀୟ ଗୁଣ ରହିଛି , ତେଣୁ ଏହାକୁ ପିଇବାର ଅନେକ ଫାଇଦା ରହିଛି ।

## ରୋଜ୍ ଟି

ଏହି ଚା ବିଭିନ୍ନ ପ୍ରକାର ରଙ୍ଗରେ ମିଳିଥାଏ, ଏହାକୁ ଚା'ପତି ସହ ମିଶାଯାଇ ଅଲଗା ସ୍ୱାଦରେ ପ୍ରସ୍ତୁତ କରାଯାଇଥାଏ । ତେବେ ଏହାର ମାତ୍ରାକୁ ଧ୍ୟାନର ସହ ମିଶାଯାଏ କାରଣ ଏହାର ମାତ୍ରାଧିକ ବ୍ୟବହାର ସୁରକ୍ଷିତ ନୁହେଁ । ଏହା ରକ୍ତ ସଞ୍ଚାଳନରେ ସହାୟକ ହୋଇଥାଏ ।

## ହିବିସ୍କସ୍ ଟି


ଏହାର ଟ୍ୟାଙ୍ଗି ସ୍ୱାଦ ଏହାକୁ ନିଆରା କରିଥାଏ । ଚା'ର ସ୍ୱାଦ ଥଣ୍ଡା ଓ ଗରମରେ ନିଆରା ଥାଏ । ଏହାର ରଙ୍ଗ ଗାଢ ନାଲି ହେବା ସହ ଏଥିରେ ବିଭିନ୍ନ ପ୍ରକାରର ଚେରମୂଳି ସାମିଲ ଥାଏ । ଏଥିରେ ଭିଟାମିନ୍ ସି ରହିଥାଏ, ଯାହା ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ।

## ଜାସ୍ମିନ୍ ଟି

ଜାସ୍ମିନ୍ ଗ୍ରୀନ ଟିରେ ବ୍ୟବହାର ନେଇ ବେଶ୍ ପରିଚିତ । ଏହି ଫୁଲର ବ୍ୟବହାର କରି ଯେ କେବଳ ସୁସ୍ୱାଦୁ ଚା' ପ୍ରସ୍ତୁତ ହୋଇଥାଏ, ତାହା ନୁହେଁ ଏହା ବେଶ୍ ସ୍ୱାସ୍ଥ୍ୟକର ମଧ୍ୟ ମାନସିକ ଚାପ ମୁକ୍ତ କରିବାସହ ରକ୍ତଚାପ ନିୟନ୍ତ୍ରଣରେ ମଧ୍ୟ ଏହା ସହାୟ ହୋଇଥାଏ ।








# ଭୟ

**ଆଇମାଆଙ୍କ କାହାଣୀ ପେଡିରେ ଏଭଳି ଅନେକ ଗପ ଥାଏ ଯାହା କେବଳ ମନୋରଞ୍ଜନ ନୁହେଁ ଆମର ଜ୍ଞାନ ମଧ୍ୟ ବଢାଇଥାଏ । ସବୁବେଳେ ଏହା ଆମକୁ ଜୀବନର ବିଭିନ୍ନ ରୂପ ସମ୍ପର୍କରେ କାହାଣୀ ମାଧ୍ୟମରେ ବୁଝାଇଥାଏ । ସେହିଭଳି ଏକ କାହାଣୀ ହେଲା ଭୟ ।**

ଘଞ୍ଚ ଜଙ୍ଗଲର ଗହୀର ଭିତରେ ଗୋଟିଏ ପୁରୁଣା, ପରିତ୍ୟକ୍ତ ପ୍ରାସାଦ ଥିଲା । ଜଙ୍ଗଲ ପାଖରେ ଥିବା ଗାଁର ପିଲାମାନେ ସେହି ପ୍ରାସାଦ ବିଷୟରେ ଚୁପଚାପ୍ କଥା ହେଉଥିଲେ, କାରଣ ସମସ୍ତେ ଜାଣିଥିଲେ ଯେ ସେଠାରେ ପିପ୍ ନାମକ ଗୋଟିଏ ଭୁତ ରହୁଥିଲା । ତେବେ ଏହି ଭୁତଟି ଟିକେ ଭିନ୍ନ ଥିଲା ସେ ଗୋଟିଏ ଛୋଟ, ଧଳା ଚାଦର ଭଳି ଦିଶୁଥିବା ଭୁତ ଥିଲା, ଯାହାର ଏକ ବଡ଼ ସମସ୍ୟା ଥିଲା ସେ ଅନ୍ଧାରକୁ ବହୁତ ଡରୁଥିଲା । ପ୍ରତିଦିନ ସନ୍ଧ୍ୟା ହେବା ମାତ୍ରେ ପ୍ରାସାଦଟି କଳା ଅନ୍ଧାର ହୋଇଯାଉଥିଲା । କାନ୍ଥରେ ଛାଇଗୁଡ଼ିକ ଲମ୍ବି ଯାଉଥିଲେ ଏବଂ ଭଙ୍ଗା ଝରକା ଦେଇ ପବନର ଶବ୍ଦ ଆସୁଥିଲା । ଅନ୍ୟ ଭୁତମାନେ ରାତିକୁ ଭଲ ପାଉଥିବା ବେଳେ, ପିପ୍ ନିଜକୁ ଗୋଟିଏ କମ୍ବଳ ପରି ଗୋଡ଼ାଇ ନେଇ ଏକ ପୁରୁଣା କାଠ ବାକ୍ସ ଭିତରେ ଲୁଚି ଯାଉଥିଲା ଏବଂ ସକାଳ ହେବା ପର୍ଯ୍ୟନ୍ତ ଆଖି ବନ୍ଦ କରି ରହୁଥିଲା ।ତେବେ



ଗୋଟିଏ ସନ୍ଧ୍ୟାରେ, ପାଖ ଗାଁର ତିନିଜଣ ସାହସୀ ପିଲା ସେହି ପ୍ରାସାଦକୁ ଯିବାକୁ ନିଷ୍ପତ୍ତି ନେଲେ । ହାତରେ ଟର୍ଚ୍ଚଲାଇଟ୍ ଏବଂ ଚୋକୋଲେଟ୍ କୁକିଜ୍ ଧରି ସେମାନେ ପ୍ରାସାଦର କବାଟ ଖୋଲି ଭିତରକୁ ଗଲେ । ହଠାତ୍, ସେମାନେ କୋଣରେ ଥିବା ବଡ଼ କାଠ ବାକ୍ସ ଭିତରୁ କାନ୍ଦିବାର ଶବ୍ଦ ଶୁଣିବାକୁ ପାଇଲେ । "ପ-ପଛକୁ ହଟିଯାଅ!" ବାକ୍ସ ଭିତରୁ ଏକ ଛୋଟ ପତଳା ସ୍ୱର ଶୁଣାଗଲା । "ମୁଁ ଜଣେ ଭୟାନକ ଭୁତ! ମୋର ଧାରୁଆ ଦାନ୍ତ ଅଛି! ଏବଂ... ଜଳୁଥିବା ଆଖି ଅଛି । ଲିଓ ସାହସ କରି ଆଗକୁ ଗଲା

ଏବଂ ବାକ୍ସର ଢାଙ୍କୁଣି ଖୋଲିଦେଲା । ସେଠାରେ ପିପ୍ ଥରୁଥିଲା ଏବଂ ତା' ହାତରେ ଥିବା ଗୋଟିଏ ଛୋଟ ଲାଇଟ୍ ଥିଲା । ପିଲାମାନେ ତାକୁ ଦେଖି ନ ଡରି ହସିଥିଲେ । ସମସ୍ତେ ତାକୁ ବାହାରକୁ ଆସିବାକୁ କହିଥିଲେ । ହେଲେ ପିପର ଟର୍ଚ୍ଚ ବନ୍ଦ ହୋଇ ଯାଇଥିବାରୁ ସେ ଯମା ବାହାରକୁ ଆସି ନଥିଲା । ହଠାତ୍ ଗୋଟିଏ ପିଲା ତାକୁ ଏକ ଲଣ୍ଠନ ଦେଲା ।


ପିପ୍‌ର ଆଖି ଖୁସିରେ ଆଲୋକିତ ହୋଇଉଠିଲା । ସେ ବାକ୍ସରୁ ବାହାରି ଆସି ଲଣ୍ଠନଟିକୁ ଧରିଲା, ଯାହାଫଳରେ ପୂରା କୋଠରୀ ସୁନେଲୀ ଆଲୋକରେ ଭରିଗଲା । ପ୍ରଥମ ଥର ପାଇଁ ସେହି ଅନ୍ଧାର ପ୍ରାସାଦଟି ଆଉ ଭୟଙ୍କର ଲାଗିଲାନାହିଁ । ଏହାପରେ ଧନ୍ୟବାଦ ଦେବା ପାଇଁ, ପିପ୍ ପିଲାମାନଙ୍କୁ ପ୍ରାସାଦର ସମସ୍ତ ଗୁପ୍ତ ରାସ୍ତା ଦେଖାଇଲା ଏବଂ ଅନେକ ମଜାଦାର ଖେଳ ଖେଳିଲା । ପିଲାମାନେ ଫେରିବା ପୂର୍ବରୁ ପିପ୍ କଥା ଦେଲା ଯେ ସେମାନେ ଯେବେବି ଆସିବେ, ସେ ପୂରା ପ୍ରାସାଦକୁ ଆଲୋକିତ କରି ରଖିବ । ସେହି ରାତି ପରଠାରୁ, ପିପ୍ ଆଉ ଅନ୍ଧାରକୁ ଡରୁଥିବା ଭୁତ ହୋଇ ରହିଲାନାହିଁ, ବରଂ ସେ ଜଙ୍ଗଲର ସମସ୍ତଙ୍କୁ ଆଲୋକ ପ୍ରଦାନ କରିଲା । ତେଣୁ ଜୀବନରେ ସାଙ୍ଗମାନଙ୍କ ସାହାଯ୍ୟ ଏବଂ ସଠିକ୍ ଭାବନା ଦ୍ୱାରା ଆମେ ଆମର ସବୁଠାରୁ ବଡ଼ ଭୟକୁ ମଧ୍ୟ ଦୂର କରିପାରିବାବୋଲି ଏହି କାହାଣୀ ଶିକ୍ଷା ଦେଇଥାଏ ।

# କ୍ୟୁଡେଙ୍ଗା



ଭାରତରେ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସସିଓ) ଦେଶର ପ୍ରଥମ ଡେଙ୍ଗୁ ଟିକା 'ଡେଙ୍ଗୁ ଟେଟ୍ରାଭାଲେଣ୍ଟ ଭାକସିନ ବା କ୍ୟୁଡେଙ୍ଗାର ବଜାର ପ୍ରବେଶ ପାଇଁ ଅନୁମୋଦନ ଦେଇଛି । ଜର୍ମାନୀର ଟାକେଡା ଜିଏମବିଏଚ ଦ୍ୱାରା ନିର୍ମିତ ଏବଂ ମେସର୍ସ ଟାକେଡା ବାୟୋଫାର୍ମାସ୍ୟୁଟିକାଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆମଦାନୀ ହେବାକୁ ଥିବା ଏହି ଟିକାକୁ ଔଷଧ ଓ ପ୍ରସାଧନ ଆଇନ୍, ୧୯୪୦ ଏବଂ ଔଷଧ ନିୟମାବଳୀ, ୧୯୪୫ ଅନୁଯାୟୀ ଏହାର ଗୁଣବତ୍ତା, ସୁରକ୍ଷା ଓ କାର୍ଯ୍ୟକାରିତାର ବ୍ୟାପକ ବୈଜ୍ଞାନିକ ମୂଲ୍ୟାୟନ ପରେ ଅନୁମୋଦିତ କରାଯାଇଛି । କ୍ୟୁଡେଙ୍ଗା ହେଉଛି ରିକମ୍ବିନାଣ୍ଟ ଡିଏନଏ ଟେକ୍ନୋଲୋଜି ମାଧ୍ୟମରେ ପ୍ରସ୍ତୁତ ଏକ ଜେନେଟିକାଲି ମୋଡିଫାଇଡ୍ ଜୀବ (GMOs) ଆଧାରିତ ଲାଇଭ୍ ଆଟେନୁଏଟେଡ୍ ଟେଟ୍ରାଭାଲେଣ୍ଟ ଟିକା ।ଯାହା ଭେରୋ ସେଲରେ ଡେଙ୍ଗୁ ଭାଇରସ ଟାଇପ୍-୨ ବ୍ୟାକବୋନ୍ ବ୍ୟବହାର କରି ନିର୍ମାଣ କରାଯାଇଛି । ଏହା ଶୁଖିଲା ଗୁଣ୍ଡ (ଫ୍ରିଜ୍-ଡ୍ରାଇଡ୍ ପାଉଡର) ଆକାରରେ ଉପଲବ୍ଧ ହେବ, ଯାହାକୁ ମିଶ୍ରଣ କରି ଚର୍ମ ତଳେ (ସବକୁଟାନିଅସ) ଇଞ୍ଜେକ୍ସନ ଆକାରରେ ଦିଆଯିବ। ୪ ରୁ ୬୦ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ନିର୍ଦ୍ଦିଷ୍ଟ ଏହି ଟିକାର ୦.୫ ମିଲିଲିଟରର ଦୁଇଟି ଡୋଜ୍ ୩ ମାସର ବ୍ୟବଧାନରେ (୦ ଏବଂ ୩ ମାସ) ଗ୍ରହଣ କରିବାକୁ ସୁପାରିଶ କରାଯାଇଛି । ବ୍ରାଜିଲ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭାରତର ୪ ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ନେଇ କରାଯାଇଥିବା ଫେଜ୍-୩ କ୍ଲିନିକାଲ ଟ୍ରାଏଲ୍ ସହ ବ୍ୟାପକ ବିଶ୍ୱସ୍ତରୀୟ ଗବେଷଣାରୁ ଏହାର ସୁରକ୍ଷା ଓ ପ୍ରତିରୋଧକ କ୍ଷମତା ସ୍ପଷ୍ଟ ହୋଇଛି । ୟୁରୋପୀୟ ୟୁନିଅନ, ବ୍ରିଟେନ, ସ୍ୱିଜରଲ୍ୟାଣ୍ଡ, ଇଣ୍ଡୋନେସିଆ, ମାଲେସିଆ ଏବଂ ଥାଇଲ୍ୟାଣ୍ଡ ସମେତ ବିଶ୍ୱର ୪୨ଟି ଦେଶରେ ଅନୁମୋଦନ ପାଇସାରିଥିବା ଏହି ଟିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ର ପ୍ରି-କ୍ୱାଲିଫିକେସନ ହାସଲ କରିସାରିଛି । ବିଶ୍ୱସ୍ତରରେ ଏପର୍ଯ୍ୟନ୍ତ ୨.୪ କୋଟିରୁ ଅଧିକ ଡୋଜ୍ ବଣ୍ଟନ କରାଯାଇସାରିଥିବା ବେଳେ ପୋଷ୍ଟ-ମାର୍କେଟିଂ ତଥ୍ୟ ଅନୁଯାୟୀ ଏହାର ସୁରକ୍ଷା ରେକର୍ଡ ଅତ୍ୟନ୍ତ ସନ୍ତୋଷଜନକ ରହିଛି । ଜାତୀୟ ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ ଅଧୀନରେ ଚାଲିଥିବା ମଶା ନିୟନ୍ତ୍ରଣ, ପ୍ରାରମ୍ଭିକ ରୋଗ ନିରୂପଣ ଓ ଚିକିତ୍ସା ବ୍ୟବସ୍ଥା ସହ ଏହି ପ୍ରଥମ ଡେଙ୍ଗୁ ଟିକା ସାମିଲ ହେବା ଦ୍ୱାରା ଭାରତର ଜନସ୍ୱାସ୍ଥ୍ୟ କ୍ଷେତ୍ରକୁ ଆହୁରି ମଜବୁତ କରାଯାଇପାରିବ ବୋଲି ଆଶାପ୍ରକାଶ ପାଇଛି ।

**ଡେଙ୍ଗୁ ରୋଗରେ ଭାରତରେ ପ୍ରତିବର୍ଷ ଅନେକ ରୋଗୀଙ୍କର ଜୀବନ ଯାଉଥିବାବେଳେ ଶତାଧୀକ ଏଥିରେ ପୀଡ଼ିତ ହୋଇଥାଆନ୍ତି । ତେବେ ନିକଟରେ ପ୍ରସ୍ତୁତ ହୋଇଛି ଦେଶର ପ୍ରଥମ ଡେଙ୍ଗୁ ଟିକା କ୍ୟୁଡେଙ୍ଗା, ଯାହା ଆଗକୁ ଏହି ରୋଗକୁ ସମାଜରୁ ଦୂରେଇବାରେ ବଡ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଇଛି ।**










**ଦୁନିଆରେ ଏଭଳି ଅନେକ କାମ ଅଛି, ଯାହା ବିପଦ୍ଜନକ ହେଲେ ମଧ୍ୟ ବିକଳ୍ପ ଅଭାବରୁ ଲୋକମାନେ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଆନ୍ତି । ସେହିଭଳି ଏକ କାମ ହେଲା ତେଲ ପରିବାହୀ ଜାହାଜକୁ ସଫା କରିବା । ତେବେ ଏହି ବିପଦ୍ଜନକ କାର୍ଯ୍ୟକୁ କରିବା ପାଇଁ ରୋବଟ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି ଭାରତର କ୍ୟାପ୍ଟେନ୍ ଡି.ସି. ଶେଖର ।**

# ବିଜ୍ଞାନ ବିକଳ୍ପ

ଭୟାନକ ପରିବେଶ ଭିତରେ ଏହି କାର୍ଯ୍ୟ ସବୁଦିନ କରିବାକୁ ହୋଇଥାଏ । ତେଲ ପରିବାହୀ ଜାହାଜ ବା ଅଏଲ ଟ୍ୟାଙ୍କରର ଡେକ୍‌ଠାରୁ ୨୦ ମିଟର ତଳ ପର୍ଯ୍ୟନ୍ତ ଦିନର ଆଲୋକ ପହଞ୍ଚି ନଥାଏ । ସେଠାରେ ଷ୍ଟିଲ୍‌ର କାନ୍ଥଗୁଡ଼ିକ ତେଲରେ ଜକଜକ ହେଉଥାଏ, ପ୍ରତ୍ୟେକ ସ୍ଥାନ ବହଳ କଳା କାଦୁଅରେ ଆଚ୍ଛାଦିତ ହୋଇଥାଏ। ବାୟୁମଣ୍ଡଳରେ ହାଇଡ୍ରୋକାର୍ବନ୍ ବାଷ୍ପ ସହିତ ହାଇଡ୍ରୋଜେନ୍ ସଲଫାଇଡ୍ ଭଳି ଅତ୍ୟନ୍ତ ବିଷାକ୍ତ ଗ୍ୟାସ୍ ଭରି ରହିଥାଏ । ଏହି ଗ୍ୟାସ୍‌ର ସାମାନ୍ୟ ପରିମାଣ ମଧ୍ୟ ମଣିଷକୁ କିଛି କ୍ଷଣ ମଧ୍ୟରେ ଅଚେତ କରିଦେଇପାରେ। ଏହାଛଡ଼ା, ଅମ୍ଳଜାନର ମାତ୍ରା ଅତ୍ୟନ୍ତ କମ୍ ଥାଏ ଏବଂ ଚିକ୍କଣ ଚଟାଣ ଯୋଗୁଁ ଗୁରୁତର ଭାବେ ଖସିପଡ଼ିବାର ବିପଦ ଥାଏ । ପ୍ରାୟ ଦୁଇ ଦଶନ୍ଧି ଧରି କାର୍ଯ୍ୟ କରିବା ସମୟରେ କ୍ୟାପ୍ଟେନ୍ ଡି.ସି. ଶେଖର ନିଜ ଦଳ ସହ ୧୫୦ରୁ ଅଧିକ ପେଟ୍ରୋଲିୟମ୍ ଟାଙ୍କି ଭିତରେ ପଶି ସଫା କରିଥିଲେ। ଗୋଟିଏ ଗୋଟିଏ ପେଟ୍ରୋଲିୟମ୍ ସଂରକ୍ଷଣ ଟାଙ୍କି ୫,୦୦୦ ରୁ ୬,୦୦୦ କ୍ୟୁବିକ୍ ମିଟର ଇନ୍ଧନ ଧାରଣ କରିପାରେ । ସମୟକ୍ରମେ ଏହାର ତଳେ ବହଳ କାଦୁଅ ଜମା ହୋଇଯାଏ, ଯାହାକୁ ରକ୍ଷଣାବେକ୍ଷଣ, ନିରୀକ୍ଷଣ କିମ୍ବା ଇନ୍ଧନର ପ୍ରକାର ବଦଳାଇବା ପୂର୍ବରୁ ସଫା କରିବା ଆବଶ୍ୟକ ହୋଇଥାଏ। ଦଶନ୍ଧି ଦଶନ୍ଧି ଧରି ଶ୍ରମିକମାନେ ଟାଙ୍କି ଭିତରକୁ ଓହ୍ଲାଇ କାଦୁଅକୁ କୋଡ଼ି ଦ୍ୱାରା ବ୍ୟାଗ୍‌ରେ ଭରୁଥିଲେ, ନ୍ୟୁମାଟିକ୍ ୱିଞ୍ଚ୍ ସାହାଯ୍ୟରେ ଉପରକୁ ଟାଣୁଥିଲେ ଏବଂ ପରେ ତାହାକୁ ନଷ୍ଟ କରୁଥିଲେ । ଶେଖରଙ୍କ ଭାଷାରେ ଏହା ଅତ୍ୟନ୍ତ ପୁରୁଣା ଏବଂ ମଧ୍ୟଯୁଗୀୟ ଶୈଳୀର କାମ ଥିଲା । ତେବେ କୌଣସି ବ୍ୟାବହାରିକ ରୋବୋଟିକ୍ ବିକଳ୍ପ ନଥିବାରୁ ବିଶ୍ୱବ୍ୟାପୀ ଏହି ମାନବିକ ସଫେଇ ପ୍ରଣାଳୀକୁ ଗ୍ରହଣ କରାଯାଇଥିଲା, ଯାହା ଫଳରେ ଗ୍ୟାସ୍ ଓ ଅମ୍ଳଜାନ ଅଭାବ ଯୋଗୁଁ ଅନେକ ମାରାତ୍ମକ ଦୁର୍ଘଟଣା ଘଟୁଥିଲା । ୧୯୯୦ ଦଶକରେ ଶେଖରଙ୍କ ମନରେ ଏହି ରୋବୋଟ୍‌ର ପ୍ରଥମ ଡିଜାଇନ୍ ପ୍ରସ୍ତୁତ ହୋଇଥିଲା । ସେ ଏପରି ଏକ ରୋବୋଟ୍ ସ୍ୱପ୍ନ ଦେଖିଥିଲେ ଯାହା ହିଟିଂ କଏଲ ତଳେ ଗତି କରିପାରିବ, ଚଟାଣ ପାଖରେ ରହିବ ଏବଂ କାଦୁଅକୁ ସିଧାସଳଖ ବାହାରକୁ ପମ୍ପ କରିପାରିବ । ୨୦୧୯ ମସିହାରେ 'ଅଏଲ୍ ଇଣ୍ଡିଆ ଲିମିଟେଡ୍'ର ଅଧିକାରୀମାନଙ୍କ ସହ ଆଲୋଚନା ପରେ ସେମାନେ ୨.୫୫ କୋଟିର ପୁଞ୍ଜି ନିବେଶ କରିଥିଲେ, ଯାହାଦ୍ୱାରା 'ବିଟା-ଟ୍ୟାଙ୍କ ରୋବୋଟିକ୍ସ' ଜନ୍ମ ନେଲା । ଶେଖର ଏବଂ ତାଙ୍କର ୧୦ ଜଣିଆ ସଦସ୍ୟଙ୍କ ଦଳ ପ୍ରଥମ ରୋବୋଟ୍ ନିର୍ମାଣ ଓ ପରୀକ୍ଷଣ କଲେ । ବର୍ତ୍ତମାନ ଏହି ଷ୍ଟାର୍ଟଅପ୍ ପାଖରେ ଏହି ପ୍ରଯୁକ୍ତିବିଦ୍ୟା ପାଇଁ ଭାରତୀୟ ପେଟେଣ୍ଟ ମଧ୍ୟ ରହିଛି। ପେଟ୍ରୋଲିୟମ୍ ଟାଙ୍କି ଭିତରେ ଏକ ସାମାନ୍ୟ ବୈଦ୍ୟୁତିକ ସ୍ପାର୍କ ବିଶାଳ ବିସ୍ଫୋରଣ ଘଟାଇପାରେ। ତେଣୁ ସେଠାରେ ସାଧାରଣ ଇଲେକ୍ଟ୍ରିକ୍ ମୋଟର ବ୍ୟବହାର କରାଯାଇପାରିବ ନାହିଁ । ବିଶ୍ୱର ଅଳ୍ପ କେତେକ କମ୍ପାନୀ ଶୋଷଣ ବା ଭ୍ୟାକୁମ ସକସନ ଉପରେ ନିର୍ଭର କରନ୍ତି, ହେଲେ ବହଳ କାଦୁଅ ଶୋଷଣ ଦ୍ୱାରା ଏହା ସହଜରେ ଗତି କରେନାହିଁ । ତେବେ ଏହି ବିଟା-ଟ୍ୟାଙ୍କର ରୋବୋଟ୍ କାଦୁଅକୁ ନିଜ ଆଡ଼କୁ ଟାଣିବା ବଦଳରେ, ତାହାକୁ ନିଜର ଅନ୍-ବୋର୍ଡ ପମ୍ପ ଭିତରକୁ ଧକ୍କା ଦେଇଥାଏ ଏବଂ ୫ ରୁ ୧୦ ଥର ଚାପରେ ବାହାରକୁ ଫିଙ୍ଗିଥାଏ। ଏହା ଅତି ବହଳ କାଦୁଅକୁ ମଧ୍ୟ ସହଜରେ ବାହାର କରିପାରେ । ଏହି କାରଣରୁ ଏହାକୁ 'ଦ୍ୱିତୀୟ ପିଢ଼ିର ରୋବୋଟିକ୍ସ' କୁହାଯାଉଛି। ଏହାର ପ୍ରଥମ ବାଣିଜ୍ୟିକ ବ୍ୟବହାର ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି।



ବର୍ତ୍ତମାନ ଦେଶଠୁ ବିଦେଶ ସବୁସ୍ଥାନରେ ଗୋଟିଏ ନାଁ ଖୁବ ଚର୍ଚ୍ଚିତ, ଯାହାହେଲେ ସୋନମ ୱାଙ୍ଗଚୁକ । ନିଟ ପ୍ରଶ୍ନପତ୍ର ଲିକ ବିରୋଧରେ ଅନଶନ କରି ସେ ଚର୍ଚ୍ଚାକୁ ଆସିଛନ୍ତି । ତେବେ କେବଳ ଏହି ବିଷୟ ନୁହେଁ ପୂର୍ବରୁ ମଧ୍ୟ ଅନେକ ଘଟଣାରେ ସେ ଚର୍ଚ୍ଚାରେ ରହି ଆସିଛନ୍ତି ।

# ସୋନମ ୱାଙ୍ଗଚୁକ

୧ ସେପ୍ଟେମ୍ବର ୧୯୬୬ରେ ଲଦାଖର ଜନ୍ମିତ ସୋନମ ୱାଙ୍ଗଚୁକ ବୃତ୍ତିରେ ଜଣେ ଇଞ୍ଜିନିୟର ଓ ଶିକ୍ଷା ସଂସ୍କାରକ । ସେ ଲଦାଖର ଶିକ୍ଷାମୂଳକ ଓ ସାଂସ୍କୃତିକ ଆନ୍ଦୋଳନର ସ୍ଥାପକ ଭାବେ ପରିଚିତ । ସୌର ଶକ୍ତିରେ ଚାଲୁଥିବା ଏସଇସିଏମଓଏଲ କ୍ୟାମ୍ପସର ଆକୃତି ତିଆରି କରିବା ପାଇଁ ମଧ୍ୟ ସେ ପରିଚିତ । ୱାଙ୍ଗଚୁକଙ୍କୁ ୨୦୧୬ ମସିହାରେ ଲସ୍ ଏଞ୍ଜେଲସ୍‌ରେ 'ରୋଲେକ୍ସ ଅୱାର୍ଡ ଫର୍ ଏଣ୍ଟରପ୍ରାଇଜ' ପ୍ରଦାନ କରାଯାଇଥିଲା । ବିଶ୍ୱସ୍ତରରେ ପ୍ରତିଷ୍ଠିତ ଏହି ପୁରସ୍କାର ଏପର୍ଯ୍ୟନ୍ତ କେବଳ ୧୪୦ ଜଣଙ୍କୁ ମିଳିଛି । ୧୯୯୪ ମସିହାରେ 'ଅପରେସନ୍ ନ୍ୟୁ ହୋପ୍' ଆରମ୍ଭ ହେବା ସମୟରେ ସେ ସରକାରୀ ଓ ଗ୍ରାମୀଣ ସମୁଦାୟମାନଙ୍କ ମଧ୍ୟରେ ସହଯୋଗ ସୃଷ୍ଟି କରିଥିଲେ । ସେ 'ବରଫ ସ୍ତୂପ' ପ୍ରଯୁକ୍ତିର ଆବିଷ୍କାର କରିଥିଲେ, ଯାହା ଦ୍ୱାରା କୃତ୍ରିମ ହିମନଦୀ ତିଆରି ହୁଏ । ଏଥିରେ ଶଙ୍କୁଆକାର ବରଫ ଗଠନ ମାଧ୍ୟମରେ ଶୀତକାଳରେ ପାଣି ସଞ୍ଚୟ କରାଯାଇଥାଏ । ୱାଙ୍ଗଚୁକଙ୍କ ଜନ୍ମ ଜମ୍ମୁ ଓ କାଶ୍ମୀରର ଲେହ ଜିଲ୍ଲାର ଆଲିଟୋ ନିକଟସ୍ଥ ଉଲେତୋକୋପୋ ଗାଁରେ ହୋଇଥିଲା । ତାଙ୍କ ବାପା ରାଜ୍ୟସଭା ସଦସ୍ୟ ଓ ମନ୍ତ୍ରୀ ଥିଲେ । ଗାଁରେ କୌଣସି ବିଦ୍ୟାଳୟ ନଥିବାରୁ ୯ ବର୍ଷ ବୟସ ପର୍ଯ୍ୟନ୍ତ ସେ ଔପଚାରିକ ଶିକ୍ଷା ଗ୍ରହଣ କରିପାରିନଥିଲେ । ଏହି ସମୟରେ ତାଙ୍କ ମାଆ ତାଙ୍କୁ ମାତୃଭାଷାର ପ୍ରାଥମିକ ଶିକ୍ଷା ଦେଇଥିଲେ । ୧୯୭୭ ମସିହାରେ ୱାଙ୍ଗଚୁକ ଦିଲ୍ଲୀରେ ଶିକ୍ଷାଗ୍ରହଣ ଆରମ୍ଭ କରିଥିଲେ । ଯେଉଁ ଛାତ୍ରଛାତ୍ରୀମାନେ ଶିକ୍ଷାରେ ମେଧାବୀ ହୋଇଥିଲେ ମଧ୍ୟ ପରିସ୍ଥିତି ବା ଦାରିଦ୍ର୍ୟ କାରଣରୁ ଅଧିକ ପଢ଼ିପାରୁନଥିଲେ କିମ୍ବା ଇଚ୍ଛିତ କ୍ଷେତ୍ରରେ ପ୍ରବେଶ କରିପାରୁନଥିଲେ, ସେମାନଙ୍କ ପାଇଁ ୱାଙ୍ଗଚୁକ କାମ କରନ୍ତି । ଏହି ଉଦ୍ଦେଶ୍ୟରେ ସେ ୧୯୮୮ ମସିହାରେ ଏକ ସଂସ୍ଥା ସ୍ଥାପନା କରିଥିଲେ । ଏହି ସଂସ୍ଥା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ଦେଇ ତାଙ୍କ ସ୍ୱପ୍ନକୁ ସାକାର କରିବାରେ ସେ ଲାଗି ରହିଛନ୍ତି । ଶିକ୍ଷା ଓ ପରିବେଶ କ୍ଷେତ୍ରରେ ସେ ଗତ ୨୦ ବର୍ଷ ଧରି ନିରନ୍ତର କାମ କରୁଛନ୍ତି । ଏହି ଉଦ୍ଦେଶ୍ୟରେ ସେ 'ଏଡ୍ୟୁକେସନାଲ୍ ଆଣ୍ଡ କଲ୍ଚରାଲ୍ ମୁଭମେଣ୍ଟ ଅଫ୍ ଲଦାଖ ' ନାମକ ସଂଗଠନ ଗଠନ କରିଛନ୍ତି । ୧୯୯୪ ମସିହାରେ ସେ ବିଦ୍ୟାଳୟରୁ ବାହାର କରାଯାଇଥିବା ୧୦୦୦ ଜଣ ଯୁବକଙ୍କୁ ଏକତ୍ର କରି ଏମିତି ଏକ ବିଦ୍ୟାଳୟ ସ୍ଥାପନା କଲେ, ଯାହା ଛାତ୍ରମାନଙ୍କ ଦ୍ୱାରା ସ୍ୱୟଂ ପରିଚାଳିତ ହୋଇଥାଏ । ଏହି ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଭାବେ ସୌର ଶକ୍ତିର ବ୍ୟବହାର କରାଯାଏ ।

